

ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି।
-ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ୭୮ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ନନ୍ଦପୁର,୨୮।୧୦(ଡି.ଏନ୍.ଏ.): କୋରାପୁଟ ଜିଲା ପାଡୁଆ ପୋଲିସ ରବିବାର ସକାଳେ ପାଟ୍ରୋଲିଂ କରୁଥିବା ବେଳେ ଏକ କାର୍‌କୁ ଯାଞ୍ଚକରି ସେଥିରୁ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେ ହେଲେ କଟକ ଜିଲା କାନ୍ତାନିଆ ଗ୍ରାମର ସୁଶାନ୍ତ କୁମାର ମଙ୍ଗୁଆଳ। ସୂଚନା ଅନୁଯାୟୀ, ପୋଲିସ ପାଟ୍ରୋଲିଂ ଚାଲିଥିବା ବେଳେ ଛକ ନିକଟରେ ଏକ ଇଣ୍ଡିଗୋ କାର (ଓଡି୦୫ ଡି ୫୪୬୯)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେଥିରୁ ୭୮ କେଜି ୩୦୦ ଗ୍ରାମ୍ ଗଞ୍ଜେଇ ମିଳିବା ପରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଗଞ୍ଜେଇ ଦୁକାନପୁଟ ଗ୍ରାମରୁ କଟକ ଅଞ୍ଚଳକୁ ଚାଲାଣ ହେଉଥିଲା ବୋଲି ଥାନା ଅଧିକାରୀ ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି। ଏନେଇ କେସ୍ ନମ୍ବର ୭୨/୧୯ରେ ଏକ ମାମଲା ରୁଜୁ ହୋଇଛି।

### ଡ୍ୟାମ୍ ଅଞ୍ଚଳ ଗସ୍ତକଲେ ଜଳସମ୍ପଦ ମନ୍ତ୍ରୀ

କୋଲାବନଗର,୨୮।୧୦(ଡି.ଏନ୍.ଏ.): ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଶନିବାର ୪ଟାରେ ବନ୍ଧ ଅଞ୍ଚଳ ଅଚାନକ ଗସ୍ତ କରିଛନ୍ତି। ଡ୍ୟାମ୍‌ରେ ବୁଲି ସମସ୍ତ କାର୍ଯ୍ୟ ତଥା ଡ୍ୟାମ୍‌ର ସୁବିଧା ଅସୁବିଧା ବାବଦରେ କୋଲାବ ଯୋଜନା ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ଆନନ୍ଦ ଚନ୍ଦ୍ର ସାହୁ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଖଣ୍ଡର ନିର୍ବାହୀ ଯନ୍ତ୍ରୀ ଇଂ ସରୋଜ ଚନ୍ଦ୍ର ସାହୁଙ୍କଠାରୁ ସମସ୍ତ ଖବର ସଂଗ୍ରହ କରିଥିଲେ। ବର୍ତ୍ତମାନ ଡ୍ୟାମ୍‌ର ଉନ୍ନତି ତଥା ପର୍ଯ୍ୟଟକଙ୍କ ସୁବିଧା ଆକର୍ଷଣ ପାଇଁ ଅନେକ କାର୍ଯ୍ୟର ଆବଶ୍ୟକତା ବାବଦରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀ ଡ୍ୟାମ୍‌ର ସୌନ୍ଦର୍ଯ୍ୟକରଣ ଦେଖି ଖୁସି ହୋଇଥିବା ଓ ଆଗାମୀ ଦିନର ଆବଶ୍ୟକତାକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରିଦର୍ଶନ ସମୟରେ ମନ୍ତ୍ରୀଙ୍କ ସହିତ ସ୍ଥାନୀୟ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ବିହନ ନିଗମର ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲା ବିଜେଡି ସମ୍ପାଦକ ଉତ୍ପଳ ରଞ୍ଜନ ନାୟକ ଉପସ୍ଥିତ ଥିଲେ।

### ଇଗ୍ନୋର ଅଧିଗ୍ରହଣ କାର୍ଯ୍ୟକ୍ରମ



ଦଶମନ୍ତପୁର,୨୮।୧୦(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକସ୍ଥିତ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟରେ ସୋମବାର ଇଗ୍ନୋର ଅଧିଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଇଗ୍ନୋର ସଂଯୋଜକ ପର୍ଶୁରାମ ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଅଧାପକ ସୁକାନ୍ତ ବାଣୁଆ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁକ୍ତ ୩ ମହାବିଦ୍ୟାଳୟ ଇଂରାଜୀ ଅଧାପକ ନରେଶ ଦୋରା, ଯୁକ୍ତ ୨ ଇଂରାଜୀ ଅଧାପକ ସରୋଜ ତୁଳ ଉପସ୍ଥିତ ଥିଲେ। ପାଠ ପଢ଼ିବା ପାଇଁ ଆଗ୍ରହ ଥିଲେ ମଧ ଅର୍ଥାଭାବ ଯୋଗୁ କେତେକ ବିଦ୍ୟାର୍ଥୀ ଅଧାରୁ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ସେମାନଙ୍କ ପାଇଁ ଇଗ୍ନୋ ଶିକ୍ଷା ହିଁ ଉପଯୋଗୀ ବୋଲି ଅତିଥିମାନେ କହିଥବଲେ। ଏଥିରେ ୧୦୦ ଜଣ ବିଦ୍ୟାର୍ଥୀଙ୍କ ପାଇଁ ପାଠ୍ୟପୁସ୍ତକ ବିତରଣ କରାଯାଇଛି।

### ରାତି ଜଗୁଆଳିଙ୍କ ଆକସ୍ମିକ ମୃତ୍ୟୁ

ଦଶମନ୍ତପୁର,୨୮।୧୦(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକ ସଦର ଡାକବଙ୍ଗଳାରେ ଜଣେ କର୍ମଚାରୀଙ୍କ ରବିବାର ସନ୍ଧ୍ୟାରେ ଆକସ୍ମିକ ମୃତ୍ୟୁ ହୋଇଛି। ମୃତକ ହେଲେ ସେଠାକାର ରାତ୍ର ଜଗୁଆଳୀ ବିଜୟ ପାଙ୍ଗୀ। ଗତ ଜୁଲାଇ ୧ରୁ ବିଜୟ ସେଠାରେ ନିଯୁକ୍ତି ପାଇ କାମ କରିଆସୁଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ବିଜୟଙ୍କ ମୃତ୍ୟୁ ହୃଦ୍‌ଘାତରେ ହୋଇଥିବା ଜଣାପଡ଼ିଛି। ଏନେଇ ପୋଲିସ କେସ୍ ନଂ ୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକଙ୍କ ଘରେ ସ୍ତ୍ରୀ ସୁମିତ୍ରା, ୨ ଝିଅ ଓ ପୁଅ ଅଛନ୍ତି। ସ୍ୱାମୀଙ୍କ ଏଭଳି ଆକସ୍ମିକ ପରଲୋକରେ ଭୀଷଣ ଦୁଃଖ ସହ ଛୋଟ ପିଲା ଦୁହିଁଙ୍କୁ ନେଇ କିପରି ପରିବାର ଚଳାଇବେ, ସେହି ଚିନ୍ତା ସୁମିତ୍ରାଙ୍କୁ ଘାରିବା ଆରମ୍ଭ କରିଛି।

■ ବଜ୍ରପାତରେ ୨ ନାବାଳକ ଆହତ

# ଦୋଳାରେ ୪ କି.ମି ବୁହାହୋଇ ଗଲେ ଡାକ୍ତରଖାନା

ଦଶମନ୍ତପୁର,୨୮।୧୦(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଚଣ୍ଡାବାଡ଼ ପଞ୍ଚାୟତ ସଲପଗୁଡ଼ା ଗ୍ରାମରେ ରବିବାର ଗାଇ ଚରାଇବାକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଛନ୍ତି ଦୁଇ ଜଣ ନାବାଳକ। ସେମାନେ ହେଲେ ସଲପଗୁଡ଼ା ଗ୍ରାମର ମସୁରୀ ମୁଦୁଲିଙ୍କ ପୁଅ ଜଗ ମୁଦୁଲି (୧୭) ଓ କେଶରୀ ମୁଦୁଲିଙ୍କ ଭଣଜା ରମେଶ ଜାନି (୧୮)। ଏହି ଦୁଇଜଣ ଗାଁ ନିକଟସ୍ଥ ଟାଙ୍ଗରୀମାଳିକୁ ଅପରାହ୍ନରେ ଗାଇ ଚରାଇବାକୁ ଯାଇଥିଲେ। ୨ଟା ବେଳେ ବଜ୍ରପାତ ହେବାରୁ ସେଥିରେ ଦୁହେଁ ଅଚେତ୍ ହୋଇପଡ଼ିଥିଲେ। ଗାଁଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଗୋବର ଲଗାଇଥିଲେ। ପରେ ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିଲା। ରାସ୍ତା ଖରାପ ସାଙ୍ଗକୁ ବାଟରେ ରୋକାଟ ନଦୀ ପଡୁଥିବାରୁ



ବଜ୍ରପାତରେ ଆହତ ହୋଇଥିବା ୨ ନାବାଳକଙ୍କୁ ଦୋଳାରେ ବୋହି ଡାକ୍ତରଖାନା ଅଭିମୁଖେ ନିଆଯାଉଛି।

ବୁଲାଣି ରାସ୍ତାରେ ଆହତ ନାବାଳକଙ୍କୁ ଦୋଳାରେ ପ୍ରାୟ ୪ କିମି ପେଡ଼ିସିଲ ଯାଏ ବୋହି ନେଇଥିଲେ ଗାଁର ଅନୀ ଜାନୀ, ଭାଗିରଥୀ ମୁଦୁଲି, ରାମ କୁଲେସିକା, ଅଜୁ ସାଉନ୍ତା, ରାଜେନ୍ଦ୍ର ହିକ୍‌କା, ନିର୍ମଳ ସାଉନ୍ତା। ପେଡିସିଲରୁ ଗାଁର ରାମ ଜାନୀ ଓ ଜଣେ ଖବରଦାତା ବାଇକରେ ନାବାଳକ ଦୁହିଁଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଜିଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏ ନେଇ ସ୍ଥାନୀୟ ତହସିଲଦାର ଅଜୟ ପ୍ରକାଶ ତିର୍କି କହିଛନ୍ତି, ଆର୍‌ଆଇଙ୍କୁ ପଠାଇ ତଦନ୍ତ ପରେ ସହାୟତା ବ୍ୟବସ୍ଥା କରାଯିବ।

# ବାଣଫୁଟାକୁ ନେଇ ଗୋଷ୍ଠୀ ସଂଘର୍ଷ

■ ଉଭୟ ଗୋଷ୍ଠୀର ୨୮ ଜଣଙ୍କ ନାଁରେ ପୃଥକ୍ ମାମଲା ରୁଜୁ

ଜୟପୁର,୨୮।୧୦(ନି.ପ୍ର./ଡି.ଏନ୍.ଏ.)

ଜୟପୁରରେ ବାଣଫୁଟାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ରବିବାର ଦୀପାବଳୀ ରାତିରେ ବାଣଫୁଟା ଚାଲିଥିବା ବେଳେ ବିଜୁ ନଗର ଓ ଖ୍ରୀଷ୍ଟିଆନ ସାହି ମଧ୍ୟରେ ଧସ୍ତାଧସ୍ତି ଚାଲିଥିଲା। ଏନେଇ ଅମର ନାଏକଙ୍କ ଅଭିଯୋଗକ୍ରମେ ପୋଲିସ ବିଜୁନଗରର ୨୦ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ଅନ୍ୟପକ୍ଷରେ ବିଜୁ ନଗରବାସୀଙ୍କ ପାଲଟା ଅଭିଯୋଗ ପାଇ ପୋଲିସ ଖ୍ରୀଷ୍ଟିଆନ ସାହିର ୮ ଜଣଙ୍କ ନାମରେ ମାମଲା ଦାୟର କରିଥିଲା। ଉଭୟ ଗୋଷ୍ଠୀର ଅଭିଯୋଗ ଅନୁସାରେ ପୋଲିସ କେସ୍ ନଂ ୬୪/୧୯ ଓ ୬୫/୧୯ରେ ପୃଥକ ମାମଲା ରୁଜୁ କରିଥିବା ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି ସୂଚନା ଦେଇଛନ୍ତି। ଅମର କିଛିଦିନ ହେବ ଜୟପୁରରେ ନିଶାମୁକ୍ତି ଅଭିଯାନ ଚଳାଇ ଆସୁଥିବା ବେଳେ ମଦ ମାଫିଆଙ୍କ ଟାର୍ଗେଟରେ ଥିଲେ। ଜଣେ ମଦ ବେପାରୀ ଜାଣିଶୁଣି ଅମନଙ୍କ ଘର ସାମ୍ନାରେ କେତେକ ଲୋକଙ୍କୁ ନେଇ ବାଣ ଫୁଟାଇଥିଲେ। ଏହାକୁ ବିରୋଧ କରିବାରୁ ମଦ ବେପାରୀଙ୍କ ସମର୍ଥକ ତାଙ୍କ ଉପରେ ଆକ୍ରମଣ କରିଥିଲେ ବୋଲି ଅମର ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି।

# ଚାଉଳ ସଂଗ୍ରହ କେନ୍ଦ୍ରରେ ଭିଜିଲାନ୍ସ ଚଢ଼ାଉ

ଜୟପୁର,୨୮। ୧୦(ଡି.ଏନ୍.ଏ.)

କୋରାପୁଟ ଭିଜିଲାନ୍ସ ଡିଭିଜନ ପକ୍ଷରୁ ସୁନାବେଡ଼ା ନିକଟସ୍ଥ ଡୁମୁରିପୁଟରେ ଥିବା ଘରୋଇ ଚାଉଳ ସଂଗ୍ରହ କେନ୍ଦ୍ର (ପିଇଜି) ଉପରେ ଚଢ଼ାଉ କରାଯାଇଛି। ପିଇଜି ଚାଉଳ ସଂଗ୍ରହ ଗୋଦାମରେ ବ୍ୟାପକ ଅନିୟମିତତା ହୋଇଥିବା ସହ କଷ୍ଟମ ମିଲିଂ କରିଥିବା ଉଷୁନା ଚାଉଳ ମିଲ ମାଲିକଙ୍କ ନିକଟରୁ ନିର୍ଦ୍ଧାରିତ ଚାଉଳ ସଂଗ୍ରହ କରାଯାଇନାହିଁ। ଗୋଦାମଗୁଡ଼ିକରେ ଗଚ୍ଛିତ ଚାଉଳ ବଦଳରେ କମ୍ ପରିମାଣର ଚାଉଳ ରହିଛି ବୋଲି ଅଭିଯୋଗ ହୋଇଥିଲା। ଏନେଇ ଭିଜିଲାନ୍ସ ବିଭାଗ ଚଢ଼ାଉ କରିଥିଲା। ସମସ୍ତ କାଗଜପତ୍ର ଓ ଗଚ୍ଛିତ ଚାଉଳ ଯାଞ୍ଚ ବେଳେ ସମସ୍ତ ସାମଗ୍ରୀ ଠିକ୍ ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ଏନେଇ ଚାଉଳ ସଂଗ୍ରହ ଓ ହିତାଧିକାରୀଙ୍କ ପାଇଁ ବିଭିନ୍ନ ଗ୍ରାମପଞ୍ଚାୟତକୁ ଯୋଗାଣ ନେଇ ଅନଲାଇନ ଅପଲୋଡିଂ କରାଯାଇଥିବା ବେଳେ ଗୋଦାମରେ ରହିଥିବା କାଗଜପତ୍ର ଯାଞ୍ଚ ସଠିକ ରହିଥିଲା ବୋଲି ଭିଜିଲାନ୍ସ ଚଢ଼ାଉରେ ନେତୃତ୍ୱ ନେଇଥିବା ସୁଶାନ୍ତ ବିଶ୍ୱାଳ ପ୍ରକାଶ କରିଛନ୍ତି।



ଦାମନଯୋଡ଼ି



ଜୟପୁର ଆମ୍ବାଗୁଡ଼ା



କୋରାପୁଟ ରବୀନ୍ଦ୍ର ମଣ୍ଡପ

# ଆଲୋକର ପର୍ବରେ ପୂଜା ପାଇଲେ ମା' କାଳୀ

କୋରାପୁଟ/ଦାମନଯୋଡ଼ି/ବୋରିଗୁମ୍ମା, ୨୮।୧୦(ସ୍ୱ.ପ୍ର./ଡି.ଏନ୍.ଏ.)

ଆଲୋକର ପର୍ବ ଦୀପାବଳୀ ଓ କାଳୀପୂଜା ପାଇଁ କୋରାପୁଟ ସହର, ଦାମନଯୋଡ଼ି ସହର ଓ ବୋରିଗୁମ୍ମା ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଥିଲା। ଚଳିତ ବର୍ଷ ସହରର ଡିଏନ୍‌କେସ୍ଥିତ ରବୀନ୍ଦ୍ର ମଣ୍ଡପ, ଫରେଷ୍ଟ କଲୋନିରେ କାଳୀପୂଜା ହୋଇଛି। ପୂଜା କମିଟି ସଭାପତି ବାବୁଲ ସିଂଙ୍କ ତତ୍ତ୍ୱାବଧାନରେ ସହରର ବଙ୍ଗଳାଭାଷୀ ଲୋକଙ୍କ ପକ୍ଷରୁ ଡିଏନ୍‌କେ ରବୀନ୍ଦ୍ର ମଣ୍ଡପରେ ଶନିବାର ବିଳମ୍ବିତ ରାତ୍ରରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ରବିବାର ଓ ସୋମବାର ଦିନ ତମାମ ମଣ୍ଡପରେ ଭକ୍ତଙ୍କ ଭିଡ଼ ଲାଗିଥିଲା।

ଦାମନଯୋଡ଼ିର ମା' ଶ୍ୟାମାକାଳୀଙ୍କ ପୂଜା, ଦୀପାବଳୀ ଓ ପୟାଶ୍ରାଦ୍ଧ ଅନୁଷ୍ଠିତ ହୋଇଛି। ମାଥାଲପୁଟ ବଜାର ମା' ଭଦ୍ରକାଳୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହ ଧର୍ମପଦ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ନାଲ୍‌କୋ ଟାଉନଶିପ୍ ସେକ୍ଟର-୩ ପୂଜା ମଣ୍ଡପ, ସେକ୍ଟର-୧ ପୂଜା ମଣ୍ଡପରେ ମା' କାଳୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ସେକ୍ଟର-୩ରେ ଶେଷଦେବ ଶତପଥୀ ଓ ସେକ୍ଟର-୧ରେ ହରେନ୍ଦ୍ର ପାତ୍ର, ସ୍ତ୍ରୀ ଶାନ୍ତିଲତା କର୍ତ୍ତା ରହିଥିଲେ।

## ଆମ୍ବାଗୁଡ଼ାରେ ଶ୍ୟାମାକାଳୀଙ୍କ ଆରାଧନା

ଜୟପୁର/ବୋରିଗୁମ୍ମା,୨୮।୧୦(ଡି.ଏନ୍.ଏ.)

ଜୟପୁର ସହର ସମେତ ନିକଟସ୍ଥ ଆମ୍ବାଗୁଡ଼ା, ରଣ୍ଡାପାଲୀ, ବିଜେ-୨, ବିଜେ-୩, ବଙ୍ଗାଳୀଗୁଡ଼ା ଗ୍ରାମରେ କାଳୀପୂଜା ଆୟୋଜିତ ହୋଇଛି। ଆମ୍ବାଗୁଡ଼ାରେ ମହିଳାଙ୍କ କଳସ ଯାତ୍ରା ସହ ମା' ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା, ହୋମଯଜ୍ଞ କରାଯାଇଛି। ଆମ୍ବାଗୁଡ଼ାରେ ୩୨ ବର୍ଷ ହେଲାଣି ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହେଉଛି। ବଙ୍ଗଳାଦେଶ ଶରଣାର୍ଥୀଙ୍କୁ ଥଇଥାନ ପାଇଁ ୭୦ ଦଶକରେ ଏଠାରେ ଦଣ୍ଡକାରଣ୍ୟ ପ୍ରକଳ୍ପ ପ୍ରତିଷ୍ଠା ହୋଇଥିଲା। ବଙ୍ଗାଳୀ ସଂପ୍ରଦାୟ ପକ୍ଷରୁ ହିଁ ଏଠାରେ ପ୍ରଥମେ କାଳୀପୂଜା ଶୁଭାରମ୍ଭ ହୋଇଥିଲା। ବର୍ତ୍ତମାନ ସେମାନଙ୍କ ସମେତ ଓଡ଼ିଆ ଓ ଅନ୍ୟ ସଂପ୍ରଦାୟର ଲୋକେ ମଧ ଏଥିରେ ସାମିଲ ହୋଇଛନ୍ତି। ଆମ୍ବାଗୁଡ଼ା ପୂଜା ପରିଚାଳନାରେ କମିଟିର ସଭାପତି ଶ୍ୟାମଲ ଘୋଷ, ଉପସଭାପତି ରମେଶ ସାହୁ, ପଞ୍ଚାନନ ଭଟ୍ଟ, ପିଣ୍ଟୁ ନାୟକ, ଗୋପାଳ ଘୋଷ, କାଳୀ ପ୍ରସାଦ ପଟ୍ଟନାୟକ, ପ୍ରଦୀପ ଦେ, ଶରତ ତାରିଣୀ, ରାଜ ରଥ, ପିଙ୍କୁ ଭଟ୍ଟ ରହିଛନ୍ତି।

# ନାଲ୍‌କୋ କ୍ଲବ ପକ୍ଷରୁ 'ଧମାକା ୨୦୧୯'



ଧମାକା-୨୦୧୯ କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି।

ଦାମନଯୋଡ଼ି,୨୮।୧୦(ସ୍ୱ.ପ୍ର.)

ଦାମନଯୋଡ଼ି ନାଲ୍‌କୋ କ୍ଲବ ପକ୍ଷରୁ ଦୀପାବଳୀ ପୂର୍ବ ସନ୍ଧ୍ୟାରେ 'ଧମାକା ୨୦୧୯' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କ୍ଲବ ପରିସରରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ରବିଶଙ୍କର ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାପ୍ରବନ୍ଧକ ଭୀମସେନ ପ୍ରଧାନ, ରାମଚନ୍ଦ୍ର ତ୍ରିପାଠୀ, ସିଏଚ୍. ପ୍ରମୋଦ କୁମାର ପାତ୍ର, ଅରୁଣ କୁମାର ଦାସ, ନେତ୍ରାନନ୍ଦ ମହାରଣା, ବି.କେ. ପଣ୍ଡା, ରମେଶ ଚନ୍ଦ୍ର ଯୋଶୀ, ରବି ନାରାୟଣ ଉପାଧ୍ୟାୟ, ଭାରପ୍ରାପ୍ତ ମହାପ୍ରବନ୍ଧକ ମହମ୍ମଦ ଫରିଦ ଏବଂ ମହାପ୍ରବନ୍ଧକ ଆର. ୱାରିସ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ନାଲ୍‌କୋ କ୍ଲବ ସମ୍ପାଦକ ଦେବାଶିଷ ଛୋଟରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କର୍ମକର୍ତ୍ତା ଅର୍ଜୁନ ବସୁ, ଶୀତେନ୍ଦୁ ମହାରଣା, ରଶ୍ମିରଞ୍ଜନ ପଢ଼ିଆରି, ଚନ୍ଦ୍ରଶେଖର ସେଠ୍, ସତ୍ୟରଞ୍ଜନ ସାହୁ, ରଶ୍ମିରଞ୍ଜନ ସେଠୀ, ଉତ୍ତମ କୁମାର ପଟ୍ଟନାୟକ, ମନିଷ ଗୁପ୍ତା, ଅନିରୁଦ୍ଧ ଖୋସଲା, ପଙ୍କଜ ଡି. ଚୌହାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅର୍କେଷ୍ଟ୍ରା, ଲକି ଡ୍ର ସାଙ୍ଗକୁ ବିଭିନ୍ନ ଆତସବାଜୀ ପ୍ରଦର୍ଶନ ଆକର୍ଷଣୀୟ ହୋଇଥିଲା।

# ବସ୍ତିବାସିନ୍ଦାଙ୍କ ସହ ଦୀପାବଳି ପାଳିଲା 'ରଙ୍ଗମାଟି'

ଜୟପୁର,୨୮।୧୦(ନି.ପ୍ର.)

ଆଲୋକର ପର୍ବ ଦୀପାବଳୀକୁ କିଏ କେଉଁ ରୂପେ ପାଳନ କରୁଛନ୍ତି। କିନ୍ତୁ ଜୟପୁରର ରଙ୍ଗମାଟି ଅନୁଷ୍ଠାନ ନିଆରା ଭାବେ ଏହାକୁ ପାଳିଛି। ସହରର ଜୟନଗର ବସ୍ତିରେ ଛୋଟ ଛୋଟ ପିଲାଙ୍କ ସହ ଦୀପାବଳୀ ପାଳିଛି ଅନୁଷ୍ଠାନ। ସେମାନଙ୍କ ସହ ବାଣ ଫୁଟାଇ ମିଠା ବାଣ୍ଟି ପିଲାଙ୍କ ମେଳରେ ଆନନ୍ଦର ପରିବେଶ ସୃଷ୍ଟି କରିଛନ୍ତି ଅନୁଷ୍ଠାନର ସଦସ୍ୟ। ଏହି କାର୍ଯ୍ୟକ୍ରମରେ ବିଷ୍ଣୁ ପ୍ରସାଦ ପାତ୍ର, ତୁଳସୀ ବେହେରା, ନଳିନୀ ପଟ୍ଟନାୟକ, ଅସିତ ରଥ, କୁଞ୍ଜ ଲମତା, ସଞ୍ଜୟ ମହାନ୍ତି, ସୁବ୍ରତ ମହାନ୍ତି ସାମିଲ ହୋଇଥିଲେ।



ରଙ୍ଗମାଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବସ୍ତି ପିଲାମାନେ ବାଣ ଫୁଟାଉଛନ୍ତି।

# ମାଟିରେ ମିଶିଯାଇଛି ଡାଇମଣ୍ଡ ଗ୍ରାଉଣ୍ଡ

■ ପ୍ଲଟିଂ ହୋଇ ବିକ୍ରି ହେଉଛି ଖେଳପ୍ରେମୀଙ୍କ ପ୍ରିୟ ଖେଳପଡ଼ିଆ

ବୈପାରୀଗୁଡ଼ା,୨୮।୧୦(ଡି.ଏନ୍.ଏ.)

ଡାଇମଣ୍ଡ ବା ହୀରା ଅତି ମୂଲ୍ୟବାନ ରତ୍ନ। କିନ୍ତୁ ଏଠାରେ ଯେଉଁ ଡାଇମଣ୍ଡ ସଂପର୍କରେ ଉଲ୍ଲେଖ କରାଯାଉଛି, ଏହା ତା'ଠାରୁ ମଧ ମୂଲ୍ୟବାନ। ବୈପାରୀଗୁଡ଼ାର ଶହ ଶହ କ୍ରିକେଟ୍ ପ୍ରେମୀ ଓ ଖେଳାଳିଙ୍କ ଭାବପ୍ରବଣତା ସହ ଜଡ଼ିତ ଥିବା ଡାଇମଣ୍ଡ କ୍ରିକେଟ୍ ଗ୍ରାଉଣ୍ଡ ଏବେ ଇତିହାସ। ପ୍ଲଟିଂ ହୋଇ ବିକ୍ରି ହେଉଛି ଖେଳପ୍ରେମୀଙ୍କ ଏହି ପ୍ରିୟ ଖେଳପଡ଼ିଆ।

ପ୍ରାୟ ୧୦ ଏକର ବିସ୍ତୃତ ବେସରକାରୀ ସମତଳ ପଡ଼ିଆ ଥିଲା ଦିନେ ସ୍ଥାନୀୟ କ୍ରିକେଟ ଖେଳାଳିଙ୍କ ଆଦରର ଖେଳପଡ଼ିଆ। ଶୀତଦିନେ ଏଠାରେ ଆନ୍ତଃଜିଲା ଯଥା କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଏପରିକି ଛତିଶଗଡ଼ ଜଗଦଲପୁର ଓ ସୁକ୍‌ମା ଅଞ୍ଚଳର ବହୁ ପ୍ରତିଭାସଂପନ୍ନ ଟିମ୍‌କୁ ନେଇ ଟୁର୍ଣ୍ଣାମେଣ୍ଟ ହେଉଥିଲା। ପଡ଼ିଆରେ ଭରପୁର ହୋଇଯାଉଥିଲେ ଦର୍ଶକ। ଖେଳାଳିମାନେ ଛକା ଚୌକା ମାରିବା ବେଳେ କରତାଳିରେ ଉତ୍ସବମୁଖର ହୋଇପଡୁଥିଲା ପଡ଼ିଆ। କିନ୍ତୁ ଏବେ ଏହି ଡାଇମଣ୍ଡ ଗ୍ରାଉଣ୍ଡ ମାଟିରେ ମିଶିଯାଇଛି। ପ୍ଲଟିଂ ହୋଇ ବିକ୍ରି ହେଉଛି। ବଡ଼ ବଡ଼ ଅଟ୍ଟାଳିକା ତଳେ ସମାଧି ନେବାକୁ ଯାଉଛି ଡାଇମଣ୍ଡ। ଡାଇମଣ୍ଡ ଚାଲିଯିବା ପରେ ଏଠାରେ କ୍ରିକେଟ୍ ଖେଳ ବନ୍ଦ ହୋଇଯାଇଛି। କାରଣ ଡାଇମଣ୍ଡର ବିକଳ୍ପ କିଛି ନାହିଁ। ଖେଳପଡ଼ିଆ ନାମରେ ଲକ୍ଷ ଲକ୍ଷ ଟଙ୍କା ଆସୁଛି। ନେତା ଠିକାଦାରଙ୍କ ପକେଟକୁ ଚାଲିଯାଉଛି। ଖେଳ ପଡ଼ିଆଟିଏ ନ ଥିବାରୁ ଏବେ ବି ଡାଇମଣ୍ଡକୁ ଝୁରୁଛନ୍ତି ଶହ ଶହ କ୍ରିକେଟ୍ ପ୍ରେମୀ। ଉଲ୍ଲେଖଯୋଗ୍ୟ, ଉଭୟ କୋରାପୁଟ ଓ ମାଲକାନଗିରି ଜିଲା ସୀମାନ୍ତବର୍ତ୍ତୀ ବୈପାରୀଗୁଡ଼ା ଏକ ପ୍ରମୁଖ ପେଣ୍ଠସ୍ଥଳ। କିଛି ବର୍ଷ ତଳେ ବୈପାରୀଗୁଡ଼ା ଦେଇ ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥ ନିର୍ମାଣ ହୋଇଛି। ଏବେ ପୁଣି ଏହି ଅଞ୍ଚଳ ଦେଇ ଟ୍ରେନ୍ ଲାଇନ୍ ଯିବାକୁ ପ୍ରସ୍ତୁତି ଚାଲିଛି। ଯାତାୟାତର ସୁବିଧା ସାଙ୍ଗକୁ ସ୍ୱାସ୍ଥ୍ୟକର ଜଳବାୟୁ ବାହାର ଲୋକଙ୍କୁ ଆକର୍ଷିତ କରୁଛି। ରିଏଲ୍ ଇଷ୍ଟେଟ୍ ବ୍ୟବସାୟୀଙ୍କ ସାମ୍ରାଜ୍ୟ ବଢୁଛି। ବେରୋଜଗାର ଥିବା ଲୋକେ ଶାଗମାଛ ଦରରେ ଜମି ବିକି ଦେଉଛନ୍ତି। ବ୍ୟବସାୟୀମାନେ ଜମି ସେଣ୍ଟ୍ ପିଛା ଲକ୍ଷ ଲକ୍ଷ ଟଙ୍କା ନେଇ ମାଲାମାଲ ହେଉଛନ୍ତି। ସାଧାରଣ ଲୋକେ ଜାଗା କିଣି ଘର ଖଣ୍ଡିଏ ବନାଇବା କଷ୍ଟକର ହୋଇପଡୁଛି। ପରବର୍ତ୍ତୀ ପରିସ୍ଥିତିରେ ବହୁ ମୂଳ ବାସିନ୍ଦା ଭିଟାମାଟି ବିକି ଅଭ୍ୟନ୍ତର ଇଲାକାକୁ ଚାଲିଯାଉଛନ୍ତି। ନୂଆ ଲୋକଙ୍କୁ ନେଇ ବୈପାରୀଗୁଡ଼ାର କଳେବର ବଦଳୁଛି। ଦ୍ରୁତଗତିରେ ଗ୍ରାମରୁ ସହରକୁ ରୂପାନ୍ତରିତ ହେଉଛି। ଏଥିପାଇଁ ଡାଇମଣ୍ଡ ପରି ମୂଲ୍ୟବାନ ଖେଳପଡ଼ିଆକୁ ସମାଧି ନେବାକୁ ପଡୁଛି।





ବିଲୋପ ହେବାକୁ ଯାଉଥିବା ଡାଇମଣ୍ଡ ଗ୍ରାଉଣ୍ଡ।

## ସଂକ୍ଷେପରେ

### ପେୟ ପଡ଼ି ମହିଳା ଗୁରୁତର

ଚନ୍ଦାହାଣ୍ଡି,୨୮।୧୦(ଡି.ଏନ.ଏ)- ଚନ୍ଦାହାଣ୍ଡି ବ୍ଲକ ଅନକାବେଡା ଗ୍ରାମର ବେଲ ସାହାଣ୍ଡ ସୋମବାର ସନ୍ଧ୍ୟାରେ ରୋଷେଇ କରୁଥିବା ସମୟରେ ଦେହରେ ଗରମ ପେୟ ପଡିଯାଇ ଗୁରୁତର ହୋଇଛନ୍ତି। ଏଥିରେ ତାଙ୍କ ବାମ ଗୋଡ ଓ ଜଙ୍ଘ ପୋଡି ଯାଇଥିଲା। ସ୍ୱାଇଁ ଘନ ଗୌଡ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପରିବାର ଲୋକଙ୍କୁ ଡାକ୍ତର ପ୍ରଶାନ୍ତ କୁମାର ଦାସ ପରାମର୍ଶ ଦେଇଥିଲେ।

### ବିଷ ପିଇ ଯୁବତୀଙ୍କ ଆତ୍ମହତ୍ୟା

ଚନ୍ଦାହାଣ୍ଡି,୨୮।୧୦(ଡି.ଏନ.ଏ)- ଚନ୍ଦାହାଣ୍ଡି ଥାନା ଅଧୀନ ବନ୍ଧକନା ଗ୍ରାମର ନୀଳା ଦିଶାରୀ (୨୦) ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ବନ୍ଧକନା ଗ୍ରାମର ଜଗନ୍ନୁ ଦିଶାରୀଙ୍କ ଝିଅ ନିଳା ଶନିବାର ବିଷ ପିଇ ଦେଇଥିଲେ। ତାଙ୍କୁ ପରିବାର ଲୋକ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଉମରକୋଟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଏସଆଇ ତରଣୀସେନ ନାୟକ ଉମରକୋଟ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଚନ୍ଦାହାଣ୍ଡି ଥାନାରେ ନଂ ୯/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଆତ୍ମହତ୍ୟାର କାରଣ ଜଣା ପଡି ନ ଥିବା ବେଳେ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଅଭୟ ବେହେରା କହିଛନ୍ତି।

### ଦୀପାବଳି ପାଳିତ



ଡାବୁଗାଁ, ୨୮।୧୦ (ଡି.ଏନ.ଏ.)- ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀପାବଳି ରବିବାର ଧୁମଧାମ ରେ ପାଳିତ ହୋଇଯାଇଛି। ଛାତ୍ରୀମାନେ ସନ୍ଧ୍ୟାରେ ବିଭିନ୍ନ ଆକର୍ଷଣୀୟ ଝୋଟି ପକାଇ ଦୀପରେ ବିଦ୍ୟାଳୟକୁ ଅତିସୁନ୍ଦର ଭାବରେ ସଜାଇଥିଲେ । ପରେ ସେମାନେ ପରସ୍ପରକୁ ମିଠା ଖୁଆଇ ଦୀପାବଳିର ଶୁଭେଚ୍ଛା ଜଣାଇଥିଲେ । ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଭାବରେ ବ୍ଲକର ବିଭିନ୍ନ ସ୍ଥାନରେ ମଧ ଧୂମଧାମରେ ଦୀପାବଳି ପାଳିତ ହୋଇଯାଇଛି ।

# ଭଣ୍ଡାରଘରଣୀ ଗ୍ୟାସ୍ ଏଜେନ୍ସିରୁ ୩ ଲକ୍ଷ ୩୫ ହଜାର ଚୋରି

- ଦୀପାବଳିର ସୁଯୋଗ ନେଲେ ଚୋର
- ଚୋରି କରିବାକୁ ୨ ଦୁର୍ବୃତ୍ତଙ୍କୁ ଲାଗିଥିଲା ୧୩ ମିନିଟ
- ମୁହଁକୁ ଘୋଡାଇ ରଖିବା ସହ ପିନ୍ଧିଥିଲେ ଶୀତବସ୍ତ୍ର

ନବରଙ୍ଗପୁର,୨୮।୧୦(ବି.ପ୍ର.)

ଦୀପାବଳୀର ସୁଯୋଗ ଉଠାଇଲେ ଚୋର । ସ୍ଥାନୀୟ ରାଜୁ ସାହିସ୍ଥିତ ଭଣ୍ଡାର ଘରଣୀ ଗ୍ୟାସ ଏଜେନ୍ସି ଅଫିସର ପଛ କବାଟ ଗାଡା ତାଡି ଡ୍ରରେ ଥିବା ୩ ଲକ୍ଷ ୩୫ ହଜାର ଟଙ୍କା ଚୋରୀ କରି ନେଇଛନ୍ତି । ରବିବାର ରାତି ପ୍ରାୟ ୮ଟା ୫୨ ମିନିଟରେ ଚୋରମାନେ ଅଫିସ ଭିତରେ ପଶି ୯ଟା ୫ ମିନିଟ ସମୟରେ ଏକ କପଡାରେ ଟଙ୍କା ଧରି ଚାଲିଯାଇଥିବା ସିସିଟିଭି ଫୁଟେଜରୁ ଜଣାପଡିଛି । ସୋମବାର ପୂର୍ବାହ୍ନ ୧୦ଟାରେ କର୍ମଚାରୀ ମାନେ ଅଫିସ ଖୋଲିବା ପରେ ଡ୍ର ଗୁଡିକ ଖୋଲାହୋଇଥିବା ଓ ପଛ ପଟ କବାଡ ଖୋଲାଥିବା ନେଇ ମାଲିକ ସୁକାନ୍ତ ଶତପଥିଙ୍କୁ ଖବର ଦେଇଥିଲେ । ନବରଙ୍ଗପୁର ଥାନାରେ ଅଭିଯୋଗ ପରେ ଥାନା ଅଧିକାରୀ ତାରିକ ଅହମ୍ମଦ, ଅତିରିକ୍ତ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ଶବର, ଏସଆଇ ଦେବଦତ ମଲ୍ଲିକ, ଏଏସଆଇ ଅଶୋକ କୁମାର ଦେଓ, କନଷ୍ଟେବଳ



ସିସିଟିଭି ଫୁଟେଜରେ ଉତ୍ତୋଳିତ ହୋଇଥିବା ଚୋରିର ଦୃଶ୍ୟ

ଅନିଲ ପୃଷ୍ଟି ପ୍ରମୂଖ ପହଞ୍ଚି ତଦନ୍ତ କରିଥିଲେ। ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ । ଦୁଇ ଜଣ ଯୁବକ ଟର୍ଚ୍ଚ ଧରିବା ସହ ମୁହଁ ଘୋଡାଇ ରଖିଥିବା ଓ ଏକ ଶୀତ ପୋଷାକ ପିନ୍ଧିଥିବା ଦେଖିବାକୁ ମିଳିଛି । ଅପରାହ୍ନରେ କଳାହାଣ୍ଡି ଜିଲା ପୋଲିସ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ଅଣାଯାଇ ତଦନ୍ତ କରାଯାଇଥିଲା । କୁକୁର କର୍ଯ୍ୟାଳୟ ପଛ ପାଖ ଖୋଲା ସ୍ଥାନରେ ଥିବା ଏକ ବୁଦା ମୂଳରୁ ଧାରୁଆ ଲୁହା ଛଡକୁ ସନ୍ଧାନ କରିଥିଲା । ଯେଉଁ ଧାରୁଆ ଲୁହରେ କବାଟର ଗାଡା ଖୋଲା ଯାଇଥିବା ଅନୁମାନ କରାଯାଉଛି । ଚୋରମାନେ କବାଟ ଖୋଲିବା ପୂର୍ବରୁ ପଛ ପାଖରେ ଝରକା ଖୋଲିବା ଆରମ୍ଭ କରିଥିଲେ । ଯାହାର କିଛି ଚିହ୍ନ ରହିଛି । ଥାନାରେ ନଂ .୨୬୬/୧୯ ଏକ ମାମଲା ପୋଲିସ ରୁଜୁ କରିଛି ।



ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡାରେ ଶ୍ୟାମକାଳୀ ପୂଜା ।

# ରାଶନ କାର୍ଡ ସହ ସଂଯୋଗ ହୋଇପାରୁନି ଆଧାର

**ସମସ୍ୟା ସମାଧାନ ପାଇଁ ଜିଲାପରିଷଦ ଅଧକ୍ଷାଙ୍କୁ ଜଣାଇଲେ ହିତାଧିକାରୀ**

ନବରଙ୍ଗପୁର,୨୮।୧୦(ବି.ପ୍ର.)

ରାଶନ କାର୍ଡ ସହ ଆଧାର ସଂଯୋଗ ହୋଇପାରୁ ନାହିଁ । ଏଥିଯୋଗୁ ହିତାଧିକାରୀ ବହୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ଆଧାର ସଂଯୋଗ ନହେଲେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଚାଉଳ, ଗହମ ଓ କିରୋସିନ ପାଇବାରୁ ହିତାଧିକାରୀ ବଞ୍ଚିତ ହେବେ । ସେଥିପାଇ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଧିନ କଂଟାଗାଁ ପଞ୍ଚାୟତ ଅଧୀନ ଜାନୀଗୁଡା ଗାଁର ଧନସିଂ ପାତ୍ରଙ୍କ ସମେତ ୩୦ ଜଣ ହିତାଧିକାରୀ ରାଶନ କାର୍ଡ ସହ ଆଧାର ସଂଯୋଗୀ କରଣ ହୋଇ ପାରୁ ନ ଥିବାରୁ ବିଡିଓଙ୍କୁ ଅଭିଯୋଗ କରିଥିଲେ। ବିଡିଓ ଜିଲା ଯୋଗାଣ ଅଧିକାରୀଙ୍କ ନିକଟକୁ ପଠାଇଥିଲେ । ସେମାନେ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିଲେ । ଡାବୁଗାଁରେ ଜନଶୁଣାଣି ରହିଥିବାରୁ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀ କାହାରିକୁ ଭେଟି ପାରିନଥିଲେ । ଜିଲାପରିଷଦ ଅଧକ୍ଷା ଭଗବତୀ ଭତ୍ରାଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ । ତେନ୍ତୁଳିଖୁଣ୍ଟି ଯୋଗାଣ ନିରିକ୍ଷକଙ୍କୁ ଆଧାର ସଂଯୋଗୀ କରଣ କରାଯାଇ ହିତାଧିକାରୀଙ୍କ ସମସ୍ୟା ସମାଧାନ କରିବାକୁ ଅଧକ୍ଷା ଭଗବତୀ ପରାମର୍ଶ ଦେଇଥିଲେ ।



ଅଭିଯୋଗ ଜଣାଇବାକୁ ଆସିଥିବା ଗ୍ରାମବାସୀ

## ରାମକୃଷ୍ଣ ମିଶନ ମନ୍ଦିରରେ କାଳୀ ପୂଜା

ଡାବୁଗାଁ,୨୮।୧୦ (ଡି.ଏନ.ଏ.)

ଡାବୁଗାଁ ବ୍ଲକ ନିକଟସ୍ଥ ଗରୁଡଗୁଡା ଗ୍ରାମସ୍ଥିତ ରାମକୃଷ୍ଣ ମିଶନ ମନ୍ଦିରରେ ରବିବାର ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଏଥିରେ ରଘୁନାଥ ବିଶୋଇ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ । ଏଥିରେ ରାମକୃଷ୍ଣ ଶାରଦା ସେବା ସଂଘ ସଭାପତି ସୁବ୍ରତ ପରିଡା, ସମ୍ପାଦକ ବାବି ଜେନା, କୋଷାଧକ୍ଷ ବିଜୟ କୁମାର ବାରିକ, ଶିବନାରାୟନ ପଟ୍ଟନାୟକ, ରଞ୍ଜିତ ବିଶୋଇ, ଦିବାକର ବାରିକ, ଅଭିରାମ ପାଢୀ, ଟିଟୁ ଜେନା ଓ ବହୁ ଭକ୍ତ ମାନେ ଉପସ୍ଥିତ ଥିଲେ ।

## ଶିଳ୍ପ ସମ୍ବନ୍ଧୀୟ ତାଲିମ ଶିବିର

ଝରିଗାଁ,୨୮।୧୦(ସ୍ୱ.ପ୍ର)

ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହଠାରେ ଜିଲା ଶିଳ୍ପ କେନ୍ଦ୍ର ତରଫରୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗର ଜେନେରାଲ ମ୍ୟାନେଜର ଏବି. ରାଓ ସୁବୁଧି, ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆ, ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ପ୍ରଭାତ କୁମାର ସାହୁ, ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶିବ ପ୍ରସାଦ ପଟ୍ଟନାୟକ,ଛତିଶ ଚନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। କଲେଜ ଛାତ୍ରୀଛାତ୍ର ମାନଙ୍କୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂପର୍କରେ ସଚେତନତା କରାଇବା ସହ ଆଗାମୀ ଦିନରେ କିପରି ଯୁବପିଢୀମାନେ ଉଦ୍ୟୋଗପତି ହୋଇପାରିବେ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଝରିଗାଁ ସରପଞ୍ଚ ଅଗସ୍ତି ପୂଜାରୀ, ବାଣୁଆଗୁଡା ସରପଞ୍ଚ ପୂର୍ଣ୍ଣ ଚନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ।



ତାଲିମ ଶିବିରରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନେ।

# ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

ଡାବୁଗାଁ,୨୮।୧୦ (ଡି.ଏନ.ଏ.)– ନବରଙ୍ଗପୁର ଜିଲା ଡାବୁଗାଁ ତହସିଲ କାର୍ଯ୍ୟାଳୟ ଠାରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ । ମୋଟ ୨୯ ଟି ଅଭିଯୋଗର ଶୁଣାଣି କରିଥିଲେ । ଏଥିରେ ଡାବୁଗାଁ ବ୍ଲକ ଅଧୀନ ଗିଲିଗୁଡା ଗ୍ରାମର ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଓ ନୂତନ ଶ୍ରେଣୀଗୃହ ନିର୍ମାଣ, ଦୁମୁଣିଗୁଡା ଗ୍ରାମ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ, ଡାବୁଗାଁ ଏସଏସଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ରାବଣାଗୁଡା ଗ୍ରାମର ଏକ ନାଳ ଉପରେ ପୋଲ ନିର୍ମାଣ କରିବା ଆଦି ଅଭିଯୋଗ ହୋଇଥିଲା । ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ମଧୁବାବୁ ପେନସନ ଯୋଜନାରେ ୩ ଜଣଙ୍କୁ ଭତ୍ତା, ୪ ଜଣଙ୍କୁ ହୁଇଲ ଚେୟାର ଓ ଜଣଙ୍କୁ ଟ୍ରାଇସାଇକେଲ ଜିଲାପାଳ ପ୍ରଦାନ କରିଥିଲେ । ଏଥିରେ ନବରଙ୍ଗପୁର ଜିଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଶାଲକର, ଉପଜିଲାପାଳ ଭାସ୍କର ରଇତ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରାମାକାନ୍ତ ନାୟକ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ପାଣିଗ୍ରାହୀ, ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମହେନ୍ଦ୍ର ବିଡିକା, ଉମରକୋଟ ଏସଡିପିଓ ହେମନ୍ତ କୁମାର ପାଢୀ, ଡାବୁଗାଁ ବିଡିଓ ରଞ୍ଜିତା ମେରି ନାୟକ , ତହସିଲଦାର ସୁବାଶ ଚନ୍ଦ୍ର ସିଂ ଓ ବିଭିନ୍ନ ବିଭାଗୀୟ ଜିଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଉମରକୋଟ ବିଧାୟକଙ୍କ ବୁର୍ଜା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିଦର୍ଶନ

# ମଧ୍ୟାହ୍ନଭୋଜନ ପରିଚାଳନାରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

ଉମରକୋଟ, ୨୮।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବୁର୍ଜା ଗ୍ରାମରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ଆବାସିକ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅବ୍ୟବସ୍ଥା ଲାଗି ରହିଥିବା ଅଭିଯୋଗ ହୋଇଆସୁଥିଲା । ଅଭିଭାବକ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ କିନ୍ତୁ ବିଭାଗ ତରଫରୁ ବିଦ୍ୟାଳୟ ଅବ୍ୟବସ୍ଥାକୁ ନେଇ ପଦକ୍ଷେପ ନିଆଯାଉ ନ ଥିଲା। ଗ୍ରାମବାସୀ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କୁ ଉକ୍ତ ଆବାସିକ ବିଦ୍ୟାଳୟ ସମ୍ପର୍କରେ ଜଣାଇଥିଲେ। ଶନିବାର ବିଧାୟକ ଅଚାନକ ଭାବେ ବିଦ୍ୟାଳୟରେ ମଧ୍ୟାହ୍ନ ୧.୩୦ରେ ପହଞ୍ଚିଥିଲେ। କିନ୍ତୁ ସ୍କୁଲରେ ମଧ୍ୟାହ୍ନ ଭୋଜନ ରୋଷେଇ ଶେଷ ହୋଇ ନ ଥିଲା। ବିଧାୟକ ଖାଦ୍ୟ ପ୍ରସ୍ତୁତି ବିଳମ୍ବ ସମ୍ପର୍କରେ ଜାଣିବାକୁ ରୋଷେଇ ଗୃହକୁ ଦେଖି ବିଗିଡି ଥିଲେ। ବିଦ୍ୟାଳୟର ଶନିବାର ଖାଦ୍ୟ ତାଲିକାରେ ଶାଗ, ପାମ୍ପଡ ଇତ୍ୟାଦିକୁ ସ୍କୁଲ କର୍ତ୍ତୃପକ୍ଷ ନ ରୋଷେଇ କରିବା ଦୃଶ୍ୟ ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ସରକାରଙ୍କ ଏତେ ଟଙ୍କାକୁ କିଭଳି ଭାବରେ ତମେମାନେ ବ୍ୟବହାର କରୁଛ କହିଥିଲେ। ଛାତ୍ରୀମାନଙ୍କ ସହ ବିଧାୟକ ଆଲୋଚନା କରିଥିଲେ। ଠିକ୍ ସମୟରେ ଖାଦ୍ୟ ଦିଆଯାଉ ନଥିବା, ଭଲ ଖାଦ୍ୟ ଦିଆଯାଉ ନଥିବା, ପ୍ରଶାଧନ ସାମଗ୍ରୀ ଦିଆଯାଉ ନଥିବା ଛାତ୍ରୀମାନେ କହିଥିଲେ। ଆବାସିକ ବିଦ୍ୟାଳୟରୁ ଦଶହରା ସମୟରେ ଚାଉଳ ବିକ୍ରି କରାଯାଇଥିବା ଗ୍ରାମବାସୀ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ । ଆବାସିକ ବିଦ୍ୟାଳୟର ଅବ୍ୟବସ୍ଥାକୁ ନେଇ ଗ୍ରାମବାସୀ ଓ ସ୍କୁଲ କମିଟି ବାରମ୍ବାର ଅଭିଯୋଗ କରୁଥିଲେ ମଧ ଜିଲା ଶିକ୍ଷା ବିଭାଗୀୟ ଅଧିକାରୀମାନେ ଶୁଣୁ ନଥିବା ବିଧାୟକଙ୍କୁ ଗ୍ରାମବାସୀ ଜଣାଇଥିଲେ।



ବିଧାୟକ ନିତ୍ୟାନନ୍ଦ ଗଣ୍ଡ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

# ଦିବ୍ୟାଙ୍ଗଙ୍କ ସହ ପାଳିଲେ ଦୀପାବଳି



ମାନସିକ ଅନଗ୍ରସର ପିଲାମାନଙ୍କୁ ଜିଲାପାଳ ମିଷ୍ଟାନ୍ନ ବଣ୍ଟନ କରୁଛନ୍ତି ।

ନବରଙ୍ଗପୁର,୧୮।୧୦(ବି.ପ୍ର.)– ପାପଡାହାଣ୍ଡି ଶିରିଡି ସାଇ ସେବା ଟ୍ରଷ୍ଟ ପକ୍ଷରୁ ପବିତ୍ର ଦୀପାବଳୀ ଅବସରେ ନବରଙ୍ଗପୁର ସ୍ଥିତ ଆଶା କିରଣ (ମାନସିକ ଅନଗ୍ରସର) ଦିବ୍ୟାଙ୍ଗ ଛାତ୍ରମାନଙ୍କୁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା । ଟ୍ରଷ୍ଟର ବିଭୂତି ପ୍ରସାଦ ପଣ୍ଡାଙ୍କ ସମେତ ସଭ୍ୟମାନେ ଯୋଗ ଦେଇଥିଲେ । ଏହି ଅବସରରେ ଜିଲାପାଳ ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ଓ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ ଯୋଗ ଦେଇଥିଲେ । ଜିଲାପାଳ ମିଶ୍ର ଛାତ୍ର ମାନଙ୍କୁ ଫଳ, ମିଷ୍ଟାନ ଓ ଭଣ୍ଡାର ଘରଣୀ ମନ୍ଦିରର ପ୍ରସାଦ ବଣ୍ଟନ କରିଥିଲେ । ଛାତ୍ରମାନେ କିଭଳି ସୁସ୍ଥ ଓ ନିରାମୟ ଭାବେ ଅନୁଷ୍ଠାନରେ ପାଠ ପଢି ସ୍ୱାବଲମ୍ବୀ ହେବେ ତାହା କାମନା କରିଥିଲେ । ଜିଲା ରେଡକ୍ରସ ପକ୍ଷରୁ ପରିଚାଳିତ ଆଶା କିରଣ ଶିକ୍ଷାନୁଷ୍ଠାନରେ ରହିଥିବା ରୋଷେଇ ଘର ଓ ଦକ୍ଷତା ତାଲିମ ଗୃହ ଆଦିର ମରାମତି ଆବଶ୍ୟକ ରହିଥିବା ଅନୁଷ୍ଠାନର ସୁପରିଣ୍ଟେଣ୍ଡେଣ୍ଟ ଜଗନ୍ନାଥ ବେହେରା କହିଥିଲେ । ଜିଲାପାଳ ଭିତିଭୂମିର ବିକାଶ ଓ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ କିଭଳି ଅନୁଦାନ ମିଳିବ ସେ ନେଇ ଆଲୋଚନା କରିବେ ବୋଲି କହିଥିଲେ । ପାପଡାହାଣ୍ଡି ଶିରିଡି ସାଇ ସେବା ଟ୍ରଷ୍ଟର ସଭ୍ୟ ମାନେ ଛାତ୍ର ମାନଙ୍କ ସହ ଦିନ ବିତାଇଥିଲେ । ଏହି ଅବସରରେ ଆଶ କରିଣ ଅନୁଷ୍ଠାନର କର୍ମଚାରୀମାନେ ସହଯୋଗ କରିଥିଲେ ।






ମାଲକାନଗିରି ବାଲିମେଳା ଛକଠାରେ କାଳୀପୂଜା ମଣ୍ଡପ ।



ଡିଏନକେ ଛକଠାରେ ହୋଇଥିବା ପୂଜାମଣ୍ଡପ ।

## ଜିଲାବାସୀ ପାଳିଲେ ଆଲୋକର ପର୍ବ

ମାଲକାନଗିରି,୨୮।୧୦ (ଡି.ଏନ୍.ଏ.)–

ମାଲକାନଗିରି ଜିଲାରେ ଆଲୋକର ପର୍ବ ଦୀପାବଳିକୁ ସବୁ ସମ୍ପ୍ରଦାୟର ଲୋକେ ରବିବାର ପାଳନ କରିଛନ୍ତି। ପୂର୍ବାହ୍ନରେ ଘର ସମ୍ମୁଖରେ ସେମାନେ ରଙ୍ଗ ବେରଙ୍ଗର ଝୋଟି ପକାଇବା ସହ କଦଳୀ ଏବଂ ଖଜୁରି ଗଛ ପତ୍ରରେ ସଜାଇଥିଲେ। ବିଭିନ୍ନ ଦେବାଳୟକୁ ଯାଇ ପୂଜାର୍ଚ୍ଚନା କରିବା ସହ ଅପରାହ୍ନରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ, ଦୀପ ଦାନ କରିଥିଲେ । ସନ୍ଧ୍ୟାରେ ଘରେ ଦୀପ ଜାଳିବା ସହ ଆତସବାଜି ଫୁଟାଇଥିଲେ। ବିଭିନ୍ନ ସାହି ଏବଂ ମୁଖ୍ୟ ରାସ୍ତାରେ ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ କର୍ମଚାରୀମାନେ ସଜାଗ ଥିଲେ। ଜିଲାର ଏମ୍.ଭି.– ୧୭, ପୋଟେରୁ, କାଳିମେଳା, ଏମ୍.ଭି.– ୭୯, ବାଲିମେଳା ଚିତ୍ରକୋଣ୍ଡା, ମାଥିଲି ଅଞ୍ଚଳରେ ମଧ୍ୟ ଦୀପାବଳିକୁ ଅଞ୍ଚଳବାସୀ ଆନନ୍ଦ ଉଲ୍ଲାସର ସହ ପାଳନ କରିଥିବା ଖବର ମିଳିଛି। ମାଲକାନଗିରି ସହରରେ ବାଲିମେଳା ଛକ, ଡି.ଏନ୍.କେ. ଛକ, ଡି.ଏନ୍.କେ. ଖେଳ ପଡିଆଠାରେ କାଳୀପୂଜା ପାଳିତ ହୋଇଛି।




## ସଂକ୍ଷେପରେ

### ସତୀଗୁଡା ଜଳଭଣ୍ଡାରରେ ଡଙ୍ଗା ବୁଡି ଜଣେ ମୃତ

ମାଲକାନଗିରି,୨୮।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାଠାରୁ ମାତ୍ର ୪ କିଲୋମିଟର ଦୂରରେ ଥିବା ସତୀଗୁଡା ଜଳଭଣ୍ଡାରରେ ସୋମବାର ଏକ ଡଙ୍ଗା ବୁଡିଯିବାରୁ ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମାଲକାନଗିରି ନିକଟସ୍ଥ ଚମ୍ପାଖାରୀ ଗ୍ରାମର ରାମ ପ୍ରସାଦ ରାଜୁ (୪୮) ସକାଳ ୯ଟାରେ ଏକ ଦେଶୀ ଡଙ୍ଗାରେ ସତୀଗୁଡା ଜଳଭଣ୍ଡାରରୁ ମାଛ ଧରିବା ପାଇଁ ଯାଇଥିଲେ। ସେ ଦ୍ୱିପ୍ରହର ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଏନେଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଜଳଭଣ୍ଡାରରେ ଖୋଜାଖୋଜି କଲା ପରେ ଅପରାହ୍ନରେ ରାମପ୍ରସାଦଙ୍କ ମୃତଦେହ ମିଳିଥିଲା। ଖବର ପାଇ ମାଲକାନଗିରି ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏହାର ନଂ. ୩୮/୧୯।

### ଛେଳି ଚୋରିକରି ୨ ଗିରଫ

କୋରୁକୋଣ୍ଡା ୨୮।୧୦(ଡ଼ି.ଏନ.ଏ)

ମାଲକାନଗିରି ଜିଲା ଓରକେଲ ପୋଲିସ ୨ଜଣ ଛେଳି ଚୋରଙ୍କୁ ଗିରଫ କରିଛି। ସେମାନେ ହେଲେ ନିରଞ୍ଜନ ବାଘ(୨୫) ଓ ଗଙ୍ଗାଧର ମଜୁମଦାର (୧୯)। ପରକନମାଳା ପଞ୍ଚାୟତ ତୁମରକୋଣ୍ଡା ଗ୍ରାମର ଗୁରୁ ମାଢ଼ି ତାଙ୍କ ଛେଳି ଚୋରି ହୋଇଥିବା ନେଇ ଓରକେଲ ଥାନାରେ ଅଭିଯୋଗ କରିଥିଲେ। ରବିବାର ଦିନ ସାଢେ ୧୨ରେ ବାଲିମେଳା ଛକ ନିକଟରେ ଗାଡିମୋଟର ଯାଞ୍ଚ ସମୟରେ ନିରଞ୍ଜନ ଓ ଗଙ୍ଗାଧର ଛେଳି ଧରି ବାଇକ୍‌ରେ ଆସୁଥିଲେ। ପୋଲିସ ସେମାନଙ୍କୁ ସନ୍ଦେହରେ ଅଟକାଇ ପଚରାଉଚରା କରିବାରୁ ସେମାନେ ଏହି ଛେଳିକୁ ତୁମରକୋଣ୍ଡା ଗ୍ରାମରୁ ଚୋରାଇ ଆଣିଥିବା ମାନିଥିଲେ। କେସ୍ ନଂ ୧୭୮/୧୯ରେ ମାମଲା ରୁଜୁ ହୋଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଜଗଦୀଶ ବାରା କହିଛନ୍ତି।

### ଯୁବ ସଂସଦ କାର୍ଯ୍ୟକ୍ରମ



ଖଇରପୁଟ,୨୮।୧୦(ଡି.ଏନ.ଏ.)-

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କଦମଗୁଡା ପଞ୍ଚାୟତର ଆମିଳିପୁଟ ଗ୍ରାମରେ ଜିଲା ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶହୀଦ ବାଜିରାଉତ ଯୁବ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଓ୍ୱାଇଏସଡିର ସରୋଜ କୁମାର ଅଗସ୍ତିଆ ମୁଖ୍ୟଅତିଥି, କିଶୋର କୁମାର ପାଟିକା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ରୂପେ ସନ୍ତୋଷ କୁମାର ପାତ୍ର ଯୋଗ ଦେଇଥିଲେ। ୭୦ ଜଣ ଯୁବତୀ ଯୁବକ ଉପସ୍ଥିତ ଥିଲେ। ମନୋଜ କୁମାର ନାୟକ ଓ ଘେନା ଶିଶା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅର୍ଜୁନ ଗୌଡ ଧନ୍ୟବାଦ ଦେଇଥିଲେ।

### ବନ୍ଧୁ ମିଳନ ପାଇଁ ବୈଠକ

ଏମ୍‌ଭି ୭୯,(ଡି.ଏନ.ଏ)୨୮।୧୦

ସ୍ଥାନୀୟ ଏମ୍‌ଭି-୭୯ସ୍ଥିତ ଡ. ଶ୍ୟାମା ପ୍ରସାଦ ଯୁକ୍ତ ୩ ମହାବିଦ୍ୟାଳୟ ପରିସରରେ ସବାରୀ ବିଦ୍ୟାଭବନର ୧୯୮୦ରୁ ୧୯୯୦ ଶିକ୍ଷା ବର୍ଷର କେତେକ ଛାତ୍ରୀଛାତ୍ରମାନେ ଏକାଠି ହୋଇ ଏକ ବୈଠକ କରିଛନ୍ତି। ଅମିୟ ବୈରାଗୀଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଆସନ୍ତା ଡିସେମ୍ବର ୨୫ରେ ବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ରମାନେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଥିଲେ। ସୁରେଶ ମେହେଟ୍ଟା, ଚଳଚ୍ଚିତ୍ର ମଣ୍ଡଳ, ଦୀପକ ଦତ୍ତ, ସଚିନ ସାନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଛାତ୍ରୀନିବାସରେ ଦୀପାବଳି ପାଳିଲେ ଜିଲାପାଳ

ମାଲକାନଗିରି,୨୮।୧୦ (ଡି.ଏନ୍.ଏ.)

ଆଲୋକର ପର୍ବ ଦୀପାବଳିରେ ରାଜ୍ୟର ବିଭିନ୍ନ ଅନାଥ ଆଶ୍ରମ, ଛାତ୍ରାବାସଗୁଡିକରେ ମନ୍ତ୍ରୀ, ଜିଲାପାଳମାନେ ଦୀପାବଳି ପାଳନ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁସାରେ ରାଜ୍ୟର ସମସ୍ତ ଜିଲାର ଜିଲାପାଳମାନେ ଛାତ୍ରାବାସ ଗୁଡିକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଦୀପାବଳି ଉତ୍ସବ ପାଳନ କରିଥିଲେ। ମାଲକାନଗିରି ଜିଲା ମଧ୍ୟ ଏଥିରୁ ବାଦ୍ ପଡିନାହିଁ। ଜିଲାପାଳ ମନୀଷ ଅଗ୍ରଓ୍ୱାଲ ସଦର ମହକୁମାସ୍ଥିତ ସପ୍ତଧାରା ଛାତ୍ରୀ ନିବାସକୁ ଯାଇ ଛାତ୍ରୀମାନଙ୍କ ସହ ଦୀପାବଳି ପାଳିଥିଲେ। ତାଙ୍କ ସହ ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଖିରଦ୍ଧି ବେହେରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ଗୁଣନିଧି ନାୟକ ପ୍ରମୁଖ ସପ୍ତଧାରା ଛାତ୍ରୀ ନିବାସକୁ ଯାଇଥିଲେ। ସେଠାରେ ଛାତ୍ରୀମାନେ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ଜିଲାପାଳ ଛାତ୍ରୀ ନିବାସରେ ରହୁଥିବା ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରି ସେମାନଙ୍କ ସହିତ ମଧ୍ୟାହ୍ନଭୋଜନ କରିଥିଲେ। ଅନେକ ଛାତ୍ରୀ ଏଥିପାଇଁ ଖୁସିବ୍ୟକ୍ତ କରିଛନ୍ତି। ସେମାନେ କହିଛନ୍ତି ଯେ, ଦୀର୍ଘ ବର୍ଷ ପରେ ଆଜି ଜିଲାପାଳ ଓ ପଦାଧିକାରୀମାନଙ୍କ ସହ ସୁସ୍ୱାଦୁ ଖାଦ୍ୟ ଖାଇବା ଆମ ଭାଗ୍ୟରେ ଜୁଟିଲା। ଆଜିର ଦିନକୁ କଦାପି ଭୁଲିପାରିବୁ ନାହିଁ। ଆମେ ଅନାଥ ହୋଇଥିଲେ ମଧ୍ୟ ଆମ ପାଇଁ କେହି ନା କେହି ଅଛନ୍ତି ଆଜି ଅନୁଭବ କରିପାରୁଛୁ। ଜିଲାର ଅନ୍ୟ ଅଞ୍ଚଳରେ ଥିବା ଅନାଥ ଆଶ୍ରମ ଓ ଛାତ୍ରାବାସଗୁଡିକୁ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯାଇ ଛାତ୍ରୀଛାତ୍ରଙ୍କ ଭଲମନ୍ଦ ବୁଝି ସେମାନଙ୍କ ସହ ଖାଦ୍ୟ ଖାଇଥିଲେ ଛାତ୍ରୀଛାତ୍ରଙ୍କୁ ବେଶ୍ ଖୁସି ଲାଗନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।



ଛାତ୍ରୀଛାତ୍ରଙ୍କ ସହ ଜିଲାପାଳ ମଧ୍ୟାହ୍ନଭୋଜନ କରୁଛନ୍ତି।

■ ଏମ୍‌ପିଭି–୩୩ ଗ୍ରାମରେ ଛୁରାମାଡ଼ ଘଟଣା

## ବିଧାନଙ୍କୁ ଗିରଫ କଲା ପୋଲିସ

କାଲିମେଳା,୨୮।୧୦(ଡି.ଏନ.ଏ.)–



ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଏମପିଭି–୩୩ ଗ୍ରାମରେ ଗତ ମଙ୍ଗଳବାର ଦୁଇ ସଉତୁଣୀଙ୍କ ଗଣ୍ଡଗୋଳକୁ କେନ୍ଦ୍ର କରି ହୋଇଥିବା ଛୁରାମାଡ ଘଟଣାରେ ଅଭିଯୁକ୍ତ ବିଧାନ ମିର୍ଦ୍ଧାଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣା ଘଟିବା ପରେ ଗ୍ରାମବାସୀ ବିଧାନଙ୍କୁ ନିସ୍ତୁକ ମାଡ ମାରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇ କାଲିମେଳା ପୋଲିସ ହେପାଜତରେ ରହି କୋରାପୁଟ ମେଡିକାଲରେ ଚିକିତ୍ସିତ ହେଉଥିଲେ। ସେ ଭଲହେବା ପରେ ତାଙ୍କୁ ଗିରଫ କରାଯାଇଛି । ତାଙ୍କୁ କୋର୍ଟରେ ହାଜର କରିବା ପୂର୍ବରୁ କାଲିମେଳା ମେଡିକାଲରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଗ୍ରାମର ରଜନୀକାନ୍ତ ମଣ୍ଡଳଙ୍କ ଏତଲାକୁ ଭିତ୍ତିକରି ପୋଲିସ ଥାନା କେସ୍ ନଂ. ୧୬୬/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଶନିବାର ବିଧାନଙ୍କ ଦ୍ୱିତୀୟ ସ୍ତ୍ରୀ କଳ୍ପନାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଏହାର ଆହୁରି ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶେଷଦେବ ବେହେରା କହିଛନ୍ତି। ସୂଚନାଯୋଗ୍ୟ ଯେ, ବିଧାନଙ୍କର ୨ ସ୍ତ୍ରୀ ଥିଲେ। ଘଟଣା ଦିନ ଅଣ୍ଡା ତରକାରିକୁ ନେଇ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାର ସମାଧାନ ଲାଗି କଳ୍ପନା ଗ୍ରାମର ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କୁ ଅନୁରୋଧ କରିଥିଲେ। ବିଧାନଙ୍କ ଅନୁପସ୍ଥିତିରେ ଘରେ ବୈଠକ ଚାଲିଥିବା ବେଳେ ସେ ଆସି ପହଞ୍ଚିଥିଲେ। ତେବେ ବିଧାନ କାହାକୁ କିଛି ନ କହି ଭିତର ଘରକୁ ଚାଲିଯାଇଥିଲେ। ବୈଠକରେ ସେମାନଙ୍କ ସହ ଯୋଗଦେବାକୁ ଏସ୍‌ଏଚ୍‌ଜି ସଦସ୍ୟମାନେ ବିଧାନଙ୍କ ପାଖକୁ ଯାଇ ଡାକିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ବିଧାନ ଏକ ଛୁରିରେ ସେମାନଙ୍କୁ ଆକ୍ରମଣ କରିଥିଲେ। ପାଟି ଶୁଣି ଗ୍ରାମର କେତେକ ବ୍ୟକ୍ତି ସେଠାରେ ପହଞ୍ଚି ବିଧାନଙ୍କୁ ଅଟକାଇଥିଲେ। ମାତ୍ର ସେ କିଛି ନ ଶୁଣି ସମସ୍ତଙ୍କୁ ଛୁରି ମାରି ଦେଇଥିଲେ। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ୪ଜଣ ଗୁରୁତର ଆହତ ହୋଇଥିଲେ। ଆହତମାନେ ଏବେ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସାଧୀନ ଅଛନ୍ତି।

## ଦୁଇ ଦିନରେ ୨ ବାଇକ ଦୁର୍ଘଟଣା ୨ ମୃତ, ୩ ଆହତ

ଚିତ୍ରକୋଣ୍ଡା, ୨୮।୧୦(ଡି.ଏନ.ଏ.)

ଚିତ୍ରକୋଣ୍ଡା ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ଏବଂ ଟନେଲ କ୍ୟାମ୍ପ ନିକଟରେ ଗତ ଦୁଇ ଦିନରେ ଦୁଇଟି ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ହୋଇଛି। ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ରବିବାର ଅପରାହ୍ନରେ ଆନ୍ଧ୍ରର ସିଲେରୁଠାରୁ ବାଣ କିଣି ୩ଜଣ ବାଇକ୍‌ରେ ଚିତ୍ରକୋଣ୍ଡା ଫେରୁଥିଲେ। ତେବେ ଦ୍ରୁତଗତି ଯୋଗୁ ଆବଶ୍ୟକ ସମୟରେ ସେମାନେ ବାଇକ୍‌କୁ ନିୟନ୍ତ୍ରଣ କରିପାରି ନ ଥିଲେ। ଫଳରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ସମସ୍ତେ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ଚିତ୍ରକୋଣ୍ଡାର ଗୋପାଳ ମାଝିଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଏଠାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ପରିବାର ଲୋକେ ତାଙ୍କୁ ବିଶାଖାପାଟଣା ନେଉଥିବା ସମୟରେ ବାଟରେ ଗୋପାଳଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ୨ଜଣ ଟିକୁ ପୂଜାରୀ ଓ ବବୁଲ ବେହେରା ଗୁରୁତର ଅବସ୍ଥାରେ କୋରାପୁଟ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସେହିଭଳି ସୋମବାର ଟନେଲ କ୍ୟାମ୍ପ ନିକଟରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବାଇକରେ ଥିବା ବୁଲୁ ବାଘ ଓ ସୁକୁଦର ହନ୍ତାଳ ଗୁରୁତର ହୋଇଥିଲେ। ପରେ ବୁଲୁ ବାଘଙ୍କ ମୃତ୍ୟୁ ହୋଇଥିଲା। ବୁଲୁଙ୍କ ଘର ବାଲିମେଳାରେ। ସୁକୁଦର ଚିକିତ୍ସାଧୀନ ଅଛନ୍ତି। ଚିତ୍ରକୋଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ବାଇକ୍‌ରୁ ପଡି ଜଣେ ମୃତ, ଜଣେ ଆହତ

କାଲିମେଳା, ୨୮।୧୦ (ଡି.ଏନ.ଏ.)

କାଲିମେଳା ବ୍ଲକ ଏମଭି–୭୨ ଗ୍ରାମ ନିକଟରେ ରବିବାର ସାନ୍ଧ୍ୟା ୭ଟା ସମୟରେ ଏକ ବାଇକ ଦୁର୍ଘଟଣା ହୋଇ ଜଣଙ୍କର ମୃତ୍ୟୁ ହୋଇଛି। ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ହେଲେ ଏମପିଭି–୬୫ ଗ୍ରାମର ସନ୍ୟାସୀ ରାୟଙ୍କ ପୁଅ ଅଭିଜିତ ରାୟ। ଆହତ ବ୍ୟକ୍ତି ଜଣକ ଅନୟ ରାୟ ବୋଲି ଜଣାପଡିଛି । ଏହି ଦୁଇଜଣ ନିଜ ଗ୍ରାମରୁ ଏକ ବାଇକ୍ ଯୋଗେ ଏମଭି–୭୫ ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଉଥିବା ସମୟରେ ଏମଭି–୭୨ ପୂଜା ମଣ୍ଡପ ନିକଟରେ ଭାରସାମ୍ୟ ହରାଇବାରୁ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ଉଭୟେ ଆହତ ହୋଇଥିଲେ। ସେମାନଙ୍କୁ କାଲିମେଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅଭିଜିତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଅଭିଜିତଙ୍କ ମୃତ୍ୟୁ ହୋଇଥିଲା। ଅନୟ କାଲିମେଳାରେ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ କାଲିମେଳା ପୋଲିସ ପହଞ୍ଚି ବାଇକଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ହାଣ୍ଡିଖତ ପ୍ରୟୋଗ କରି ଚାଷ କରିବାକୁ ତାଲିମ

ପଡିଆ, ୨୮।୧୦(ଡି.ଏନ.ଏ.)–

ପଡିଆ ବ୍ଲକର ୩ପଞ୍ଚାୟତରେ ଜୈବିକ ସାର ଉତ୍ପାଦନ ସମ୍ପର୍କିତ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଡିଆ, ଗିରିକୋନପାଲି ଓ ଉଣ୍ଡୁରୁକୋଣ୍ଡା ପଞ୍ଚାୟତରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ହାଣ୍ଡିଖତ ଉତ୍ପାଦନ ଓ ବ୍ୟବହାର ପାଇଁ ତାଲିମ ପ୍ରଦାନ କରାଯାଇଛି। ଓଡିଶା ଜୀବିକା ମିଶନ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଉପରୋକ୍ତ ୩ଟିପଞ୍ଚାୟତରେ ଏହା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ଏକ ମାଟିହାଣ୍ଡିରେ ଆଖପାଖରେ ମିଳୁଥିବା କିଛି ବର୍ଜ୍ୟବସ୍ତୁ ଯଥା ନିମ୍ବପତ୍ର, କରଞ୍ଜପତ୍ର ଓ ଗୁଡକୁ ପ୍ରାୟ ଏକ ସପ୍ତାହ ରଖିବା ପରେ ଏଥିରୁ ଜୈବିକ ଖତ ମିଳିଥାଏ। ଏଥିସହ ପ୍ରତି ୭ଦିନରେ ଏଥିରୁ ଏକ ପ୍ରକାରର ତରଳ ପଦାର୍ଥ ବାହାରିଥାଏ। ଏହା ଗଛଲତାରେ ପକାଇଲେ କୀଟନାଶକ ଔଷଧ ଭଳି କାର୍ଯ୍ୟ କରିବ ବୋଲି ସେମାନଙ୍କୁ ଅବଗତ କରାଯାଇଥିଲା। ମିଶନର ପଡିଆ ଶାଖା ଅଧିକାରୀ ଅନୁପ କୁମାର ମିଶ୍ର ଉପସ୍ଥିତ ଥିଲେ।

## କାଲିମେଳାରେ ବ୍ୟବସାୟୀଙ୍କ ବୈଠକ

କାଲିମେଳା,୨୮।୧୦(ଡି.ଏନ.ଏ.)–

କାଲିମେଳା ବ୍ଲକ ତହସିଲଦାର ଉମା ଶଙ୍କର ଦଳାଇଙ୍କ ତତ୍ତ୍ୱାବଧାନରେ କାଲିମେଳା ବଜାରର ବିଭିନ୍ନ ବ୍ୟବସାୟୀ, ଜନସାଧାରଣ ଓ ଲୋକ ପ୍ରତିନିଧିଙ୍କୁ ନେଇ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମାଳା ମାଢି ଉପସ୍ଥିତ ଥିଲେ। କାଲିମେଳା ବଜାରର ସ୍ୱଚ୍ଛତା ପାଇଁ କେତେକ ମହିଳା ଗ୍ରୁପକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଅକ୍ଟୋବର ୨ରୁ ସେମାନେ ବଜାର ସଫେଇ କରିଆସୁଛନ୍ତି । ବ୍ୟବସାୟୀ ମାନେ ଆଳିଆ ଆବର୍ଜନାଗୁଡିକ ଏଣେତେଣେ ନ ଫିଙ୍ଗି ଗୋଟିଏ ସ୍ଥାନରେ ପକାଇବା ପାଇଁ ବ୍ଲକ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ । ଯେଉଁ ବ୍ୟବସାୟୀମାନେ ଡ୍ରେନ ଉପରେ ଦୋକାନ ଘର କରିଛନ୍ତି ସେମାନେ ତୁରନ୍ତ ୧୦ ଦିନ ଭିତରେ ଦୋକାନଗୁଡିକ ହଟାଇବା ପାଇଁ କୁହାଯାଇଛି । ବ୍ୟବସାୟୀ ଚଢା ଦରରେ ମାଛ ଓ ମାଂସ ବିକ୍ରି କରୁଛନ୍ତି। ଏହାର ଦର ନିୟନ୍ତ୍ରଣ ଲାଗି ପଦକ୍ଷେପ ନିଆଯାଇଛି। କାଲିମେଳା ସରପଞ୍ଚ କବିତା ମାଢି, ନାଏବ ସରପଞ୍ଚ ଶୁଶାନ୍ତ ବିଶ୍ୱାସ, ଥାନା ଏସଆଇ ସୋମନାଥ ଦଳବେହେରା, କାମସେନ ପ୍ରଧାନ, ବିନୋଦ ସାହୁ, ଟୁଷ୍ଟୁ ଦେ,ବିଜୟ ପାତ୍ର,ସୁବାଷ ବିଶ୍ୱାସଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ମହିଳାଙ୍କୁ ବାଉଁଶ କାରୁକାର୍ଯ୍ୟ ପ୍ରଶିକ୍ଷଣ

କାଲିମେଳା,୨୮।୧୦(ଡି.ଏନ.ଏ.)

କାଲିମେଳା ବ୍ଲକ ଏମଭି–୯୦ ଗ୍ରାମଠାରେ ନବନିର୍ମିତ ଶିଳ୍ପ ତାଲିମ କେନ୍ଦ୍ରରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ଆର୍ଥିକ ସ୍ୱଚ୍ଛଳ ପାଇଁ ଆରସେଟି ପକ୍ଷରୁ ୧୫ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଏହାକୁ ବିଡିଓ ଉମା ଶଙ୍କର ଦଳାଇ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଜୀବିକା ମିଶନର ବ୍ଲକ କୋର୍ଡିନେଟର ରୋଜାଲିନି ଦାସ, ବ୍ଲକ ସଂଯୋଜକ ଦିପକ ବାଇନ, ଦକ୍ଷତା ବିକାଶ ସଂଯୋଜକ ତରନ ଗୋଲଦାର ଏବଂ ଶିକ୍ଷକ ପଙ୍କଜ ସେନା ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିରରେ କାଲିମେଳା ପଞ୍ଚାୟତର ଫାର୍ମ କଲୋନୀ ,ଏମଭି–୯୦ ଓ ତେଲରାଇ ପଞ୍ଚାୟତ ଏମଭି–୧୦୭ର ୩୫ ଜଣ ମହିଳା ପ୍ରଶିକ୍ଷଣ ନେଉଥିବା ଜଣାପଡିଛି । ସେମାନଙ୍କୁ ବାଉଁଶ ଦ୍ୱାରା ଫୁଲ ଟାଙ୍ଗୁଡା, ଫୁଲ ତୋଡା, ପେନ ଷ୍ଟାଣ୍ଡ, ଷ୍ଟୁଲ, ପାଛିଆ ସହ ଅନ୍ୟାନ୍ୟ ସାମଗ୍ରୀ ତିଆରି ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ସେମାନଙ୍କ ଖାଇବା ,ରହିବା ବ୍ୟବସ୍ଥା କରାଯାଇଛି। ପ୍ରଶିକ୍ଷଣ ସରିବା ପରେ ଆରସେଟି ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯିବ। ଏମାନଙ୍କୁ ସରକାରଙ୍କ ପକ୍ଷରୁ ବାଉଁଶ ଶିଳ୍ପ ପାଇଁ ୫୦ ହଜାର ଟଙ୍କା ଲେଖାଏ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଏହି ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ବାଉଁଶ ଥିବାରୁ କଞ୍ଚାମାଲର ଅଭାବ ରହିବ ନାହିଁ।



ମହିଳାଙ୍କୁ ବାଉଁଶ କାରିଗରି ସମ୍ପର୍କରେ ପ୍ରଶିକ୍ଷକ ତାଲିମ ଦେଉଛନ୍ତି ।

■ ନିଖିଳ ଓଡିଶା ଠିକାଦାର ମହାସଂଘ ବୈଠକ

## ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ନିଷ୍ପତ୍ତି

ମାଲକାନଗିରି,୨୮।୧୦ (ଡି.ଏନ୍.ଏ.)

ସୋମବାର ମାଲକାନଗିରି ଜିଲା ସଦର ମହକୁମା ବ୍ରାହ୍ମଣ ସମାଜ ସଭା ଗୃହରେ ନିଖିଳ ଓଡିଶା ଠିକାଦାର ମହାସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ ପଣ୍ଡାଙ୍କ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଠିକାଦାର ଅଜିତ ପାଢୀ, ପ୍ରଭାକର ପ୍ରଧାନ, ସନ୍ତୋଷ କୁମାର ରାଉତ, ଏସ୍.ପ୍ରଭାକରନ୍, ଗଣେଶ ଚନ୍ଦ୍ର ନାୟକ, ଅମରାନନ୍ଦ ପଟ୍ଟନାୟକ, ସୁଶାନ୍ତ କୁମାର ସାହୁ, ଜିତେନ୍ଦ୍ର ମହାରଣା ଉପସ୍ଥିତ ଥିଲେ। ମହାସଂଘର ୧୦ ଦଫା ଦାବି ନେଇ ସାରା ରାଜ୍ୟରେ ବିକ୍ଷୋଭ ଚାଲିଛି। ଦାବିଗୁଡିକ ତୁରନ୍ତ ପୂରଣ ନ ହେଲେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟବନ୍ଦ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଦାବିଗୁଡିକ ମଧ୍ୟରେ ଶ୍ରମିକ ମଜୁରିର ଉଚିତ ନିର୍ଦ୍ଧାରଣ, ଠିକାଦାର ସମ୍ପର୍କିତ ପ୍ରାପ୍ୟ ପ୍ରଦାନ, ତେଲେଙ୍ଗାନା ସରକାରଙ୍କ ନୀତି ଭଳି ଜିଏସଟି ପାଇଁ ୧୦ ପ୍ରତିଶତ ଅଧିକ ପ୍ରାପ୍ୟ ପ୍ରଦାନ, କେବଳ ଲାଇସେନ୍ସ କ୍ଷମତା ଅନୁଯାୟୀ କାର୍ଯ୍ୟାଦେଶ, ସଞ୍ଚୟପତ୍ର ମାଧ୍ୟମରେ ସିକ୍ୟୁରିଟି ପ୍ରଦାନ,କେନ୍ଦ୍ର ସରକାରଙ୍କ ଷ୍ଟାଣ୍ଡାର୍ଡ ଡାଟାର ତୁରନ୍ତ ପ୍ରଚଳନ, ବ୍ୟବସ୍ଥା ନଥାଇ ନିର୍ମାଣ ସାମଗ୍ରୀ ପରିବହନ ସମୟରେ ଅନୁମତି ପତ୍ର ଏବଂ ରୟାଲଟି ରସିଦ ଦାଖଲ ନିର୍ଦ୍ଦେଶକୁ ପ୍ରତ୍ୟାହାର ସହ ଅନ୍ୟାନ୍ୟ ଦାବିରହିଛି। ଆସନ୍ତା ୩୧ ସୁଦ୍ଧା ଏହି ଦାବିଗୁଡିକ ପୂରଣ ନ ହେଲେ ସମଗ୍ର ରାଜ୍ୟରେ ଠିକାଦାରମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ। ମାଲକାନଗିରି ଜିଲାର ଠିକାଦାରମାନେ ମଧ୍ୟ ଏଥିରେ ସାମିଲ ହେବେ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।



ବୈଠକରେ ଏକାଠି ହୋଇଥିବା ଠିକାଦାର ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ବିଷ ପିଇ ମହିଳାଙ୍କ ମୃତ୍ୟୁ

କାଶୀନଗର,୨୮।୧୦ (ଡି.ଏନ୍.ଏ.) - କାଶୀନଗର ଏନ୍ଏସି ଅଧୀନ ୧୦ ନଂ ୱାର୍ଡ ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଲୋକେ ଦୀପାବଳି ଉତ୍ସବ ପାଳୁଥିବାବେଳେ ପିଟାମ୍ ସେଟ୍ରୀ ସୁନୀତା(୨୫) ହେୟାର୍ କଲର୍(ସୁପର୍ ଭାସ୍ମଲ୍)ପିଇ ଆତ୍ମହତ୍ୟା କରିଛନ୍ତି। ଖବର ପାଇ କାଶୀନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ସ୍ୱାମୀଙ୍କ ମୃତ୍ୟୁପରେ ଏକା ରହୁଥିବାରୁ ମାନସିକ ଚାପରେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ଏ ନେଇ ଥାନାରେ କେସ୍ ନଂ ୧୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

### ଶିଶୁ ବିଦ୍ୟାମନ୍ଦିରରେ ଦୀପାବଳି ଉତ୍ସବ

ପାରଳାଖେମୁଣ୍ଡି,୨୮।୧୦ (ସ୍ୱ.ପ୍ର.) - ପାରଳାଖେମୁଣ୍ଡିସ୍ଥିତ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶିଶୁ ଭଉଣୀ ଭାଇମାନେଙ୍କ ନିଆରା ଢ଼ଙ୍ଗରେ ଦୀପାବଳୀ ଉତ୍ସବ ପାଳିଛନ୍ତି। ''କାଶ୍ମୀର ହମାରା ହେ'' ବିଷୟ ବସ୍ତୁକୁ ନେଇ ସମସ୍ତେ ଦେଶର ଅମର ସହୀଦ ଯବାନମାନଙ୍କ ଉଦ୍ଦେଶ୍ୟରେ ଦୀପ ଜାଳିଥିଲେ। ପ୍ରଧାନ ଗୁରୁଜୀ ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିବାବେଳେ ରାମାନନ୍ଦ ଦାସଜୀ ମହାରାଜ, ବିଦ୍ୟାଳୟର ସମ୍ପାଦକ ରମେଶ ଚନ୍ଦ୍ର ସାହୁକାର, ଜନ୍ମେଜୟ ସାହୁ ଉପସ୍ଥିତ ରହି ଏହି ପର୍ବ ପାଳନର ଉଦ୍ଦେଶ୍ୟ ଏବଂ ଏହାର ପୌରାଣିକ ଦିଗ ବିଷୟରେ ଶିଶୁମାନଙ୍କୁ ବୁଝାଇଥିଲେ। ଶିଶୁମାନଙ୍କ ଦ୍ୱାରା ଭାରତ ମାନଚିତ୍ର ଆକାରରେ ଦୀପଗୁଡ଼ିକୁ ଆକର୍ଷଣୀୟ ଢଙ୍ଗରେ ସଜାଯାଇଥିବାର ଦେଖିବାକୁ ମିଳିଥିଲା।

### ବାଲମୁକୁନ୍ଦ କେନ୍ଦ୍ରରେ ବିଭିନ୍ନ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୨୮।୧୦ (ସ୍ୱ.ପ୍ର.) -ପାରଳାଖେମୁଣ୍ଡିସ୍ଥିତ ପରିଚ୍ଛା ମଠ ପରିସରରେ ଦୀପାବଳୀ ଉତ୍ସବ ଏବଂ ମା ପଦ୍ମାଙ୍କ ଜନ୍ମ ଦିବସ ପାଳିତ ହୋଇଛି। ଏହି ଅବସରରେ ହରେରାମ କୃଷ୍ଣ ଚୌଧୁରୀଙ୍କ ପୌରହିତ୍ୟରେ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁମାନଙ୍କ ଦ୍ୱାରା ସାମୂହିକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାସହ ରାଷ୍ଟ୍ରର ମଙ୍ଗଳ ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯାଇଥିଲା। ପରେ ଦେଶର ଶହୀଦ ମାନଙ୍କ ଉଦ୍ଦେଶରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଶିଶୁମାନଙ୍କୁ ସୁଷମ ଖାଦ୍ୟ ଖାଇବା ପାଇଁ ନିତ୍ୟାନନ୍ଦ ଚୌଧୁରୀ ଉପଦେଶ ଦେଇଥିଲେ।

### ଆହାର କେନ୍ଦ୍ରରେ ଖାଇଲେ ଜିଲାପାଳ



ଗୁଣପୁର,୨୮।୧୦(ଡି.ଏନ.ଏ)- ଜିଲାପାଳ ପ୍ରମୋଦ କୁମାର ବେହେରା ସୋମବାର ଗୁଣପୁର ଆହାର କେନ୍ଦ୍ରକୁ ଯାଇ ଖାଦ୍ୟର ମାନ ପରଖିଥିଲେ। ଏଥିସହ ସେଠାରେ ଭୋଜନ କରିଥିଲେ। ଏହି ଅବସରରେ ଡିଆରଡିଏ ପିଡି ଅମ୍ରିତ ଋତୁରାଜ, ଭାରପ୍ରାପ୍ତ ଉପଜିଲାପାଳ ତଥା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ ମଧ୍ୟ ଉପସ୍ଥିତ ରହି ଆହାର କେନ୍ଦ୍ରରେ ଖାଦ୍ୟ ଖାଇଥିଲେ।

# ରିଲିଫ୍ କେନ୍ଦ୍ରରେ ଦୀପାବଳି ପାଳିଲେ ଏସ୍‌ପି



ଏସପି କୁଲଙ୍ଗ କ୍ଷତିଗ୍ରସ୍ତଙ୍କ ସହ ବାଣ ଫୁଟାଉଛନ୍ତି।

ଗୁମ୍ମା,୨୮।୧୦

ଆଲୋକର ପର୍ବ ଦୀପାବଳି। ଏଥିପାଇଁ ରବିବାର ଗାଁରୁ ସହର ଚାରିଆଡ଼େ ଚଳଚଞ୍ଚଳ ଥିଲା। ଘରେ ବଡ଼ମାନେ ବଡ଼ବଡୁଆଙ୍କୁ ଡାକି ପିଠାପଣା କରି ପୂଜା କରିଥିବାବେଳେ ପିଲାମାନେ ଦୀପ ଜାଳି, ବାଣ ଫୁଟାଇ ମଜା ନେଉଥିଲେ। ହେଲେ ଗୁମ୍ମା ବ୍ଲକ୍ ଅନ୍ତର୍ଗତ କୁଲଙ୍ଗ ଗ୍ରାମ ଅନ୍ଧକାର ପାଳିଥିଲା। ନିକଟରେ ଲଗାଣ ବର୍ଷାରେ ପାହାଡ଼ ଧସି ଏହି ଗ୍ରାମର ୨୦ଜଣଙ୍କ ଘର ମାଟିରେ ମିଶିଯାଇଥିଲା। ଫଳରେ ଗ୍ରାମବାସୀଙ୍କୁ ନିକଟସ୍ଥ ଆଶ୍ରୟସ୍ଥଳୀ ଅଙ୍ଗନୱାଡ଼ି କେନ୍ଦ୍ର ଓ ଚର୍ଚ୍ଚରେ ଥଇଥାନ କରାଯାଇଥିଲା। ସେଠାରେ ସେମାନେ ସୁରକ୍ଷିତ ଥିଲେ ମଧ୍ୟ ଭିଟାମାଟି ଓ ଧନସମ୍ପତ୍ତି ହରାଇବା ଦୁଃଖ ଦୀପାବଳି ପର୍ବକୁ ଫିକା କରିଦେଇଥିଲା। ସେମାନଙ୍କ ଦୁଃଖକୁ ସାମାନ୍ୟ ଦୂର କରି ଖୁସି ବାଣ୍ଟିବା ପାଇଁ ଗଜପତି ଏସ୍‌ପି ସାରା ଶର୍ମା ନିଜ ପୋଲିସ ଟିମ୍ ସହ ରିଲିଫ୍ କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ଆଶ୍ରୟ ନେଇଥିବା ଗ୍ରାମବାସୀଙ୍କୁ ମିଠା ଖୁଆଇବା ସହ ନୂଆ ବସ୍ତ୍ର ବାଣ୍ଟିଥିଲେ। ଏହାସହ ସେମାନଙ୍କ ସହ ମିଶି ଗୀତର ତାଳେତାଳେ ନାଚିବା ସହ ବାଣ ଫୁଟାଇଥିଲେ। ପ୍ରକାଶ ଯେ, ଏସ୍‌ପି ଶର୍ମା ନିଜର ଅଲଗା ଚିନ୍ତାଧାରା ଏବଂ ଲୋକଙ୍କ ସେବା ପାଇଁ ନିଆରା ପ୍ରୟାସ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଛନ୍ତି। ହେଲେ କୁଲଙ୍ଗବାସୀଙ୍କ ଏଭଳି ଖରାପ୍ ସମୟରେ ଠିଆ ହୋଇ ସେମାନଙ୍କ ମନରେ ଖୁସି ଆଣିବାକୁ ପ୍ରୟାସ କରି ଏକ ନୂଆ ପରିଚୟ ସୃଷ୍ଟି କରିଛନ୍ତି।

## ଆଶ୍ରମରେ ଦୀପାବଳି ପାଳିଲେ ଜିଲାପାଳ

ପାରଳାଖେମୁଣ୍ଡି,୨୮।୧୦(ସ୍ୱ.ପ୍ର.)–

ପାରଳାଖେମୁଣ୍ଡିସ୍ଥିତ ନବଜୀବନ ଟ୍ରଷ୍ଟ(ଆଶ୍ରମ)ପରିସରରେ ରବିବାର ଜିଲାପାଳ ଅନୁପମ ଶାହା ଅନ୍ତେବାସୀଙ୍କ ସହ ଦୀପାବଳି ଉତ୍ସବ ପାଳିଛନ୍ତି। ଅପରାହ୍ନରେ ଜିଲାପାଳ ସେଠାରେ ପହଞ୍ଚିଥିବାବେଳେ ଆଶ୍ରମର ପିଲାମାନେ ଜିଲାପାଳଙ୍କୁ ସ୍ୱାଗତ କରିଥିଲେ। ଜିଲାପାଳ ସେମାନଙ୍କୁ ମିଠା ବାଣ୍ଟିବା ସହ ରଙ୍ଗବେରଙ୍ଗର ବାଣଫୁଟାଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଏହି ଦୀପାବଳି ଉତ୍ସବର ଆୟୋଜନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଓ ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀମାନେ ପରିଚାଳନା କରିଥିବାବେଳେ ନବଜୀବନ ଟ୍ରଷ୍ଟ ପାରଳାଖେମୁଣ୍ଡି ଶାଖା ପରିଚାଳକ ଏସ.ରାବଣା ସହଯୋଗ କରିଥିଲେ।



ଜିଲାପାଳ ଆଶ୍ରମରେ ପିଲାଙ୍କ ସହ ଦୀପାବଳି ପାଳୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସୂତା ମାଜିଲେ ସରୁ**
**କଥା ମାଜିଲେ ଗରୁ।**

କୌଣସି ଛୋଟ କଥାଟିକୁ ବେଶି ମାତ୍ରାରେ ଚର୍ଚ୍ଚା କଲେ ତାହା ବଡ଼ ଆକାର ଧାରଣ କରେ। ଅତ୍ୟଧିକ ତର୍ଜମା କରିବା ଫଳରେ ନାନା କଥା ବାହାରିବା ସହ ଭିନ୍ନ ଅର୍ଥ ପ୍ରକାଶ ପାଏ। ଏପରି କି କଥାର ମୋଡ଼ ମଧ୍ୟ ବଦଳିଯାଏ, ଯାହା କି ସହଜରେ ଛିଣ୍ଡି ନ ଥାଏ। ତେଣୁ ଛୋଟ ମୋଟ ବା ସାମାନ୍ୟ କଥାକୁ ଆବଶ୍ୟକତାଠୁ ଅଧିକ ଗୁରୁତ୍ୱ ଦେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସବୁ କହି**
**ଲୋକର ମରମ ନ କହି।**

ଗୁପ୍ତ ବା ଆନ୍ତରିକ କଥାକୁ ସର୍ବଦା ଗୋପନୀୟ ରଖିବା ହିଁ ଶ୍ରେୟସ୍କର। କିଛି କିଛି କଥା ଅନ୍ୟର ମନରେ ଗଭୀର ଆଘାତ ସୃଷ୍ଟି କରିଥାଏ। ଏପରି କିଛି କଥା ଅଛି ଯାହା ଶୁଣିଲେ ଶୁଣିବା ଲୋକର ମନ ବେଦନାସିକ୍ତ ହୋଇଯାଇଥାଏ। ତେଣୁ କଥା କହିବା ବେଳେ ବାକ୍ ସଂଯମ ରକ୍ଷାକରିବା ନିହାତି ଆବଶ୍ୟକ। କଥାରେ କଥାରେ ଅନ୍ୟର ମରମଭେଦୀ କଥା କହି ବ୍ୟଥା ଦେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର କାନ୍ଥ

ରାୟଗଡ଼(ଗଜପତି), ୨୮।୧୦(ଡି.ଏନ୍.ଏ.)–

ଲଗାଣ ବର୍ଷାରେ ଗଜପତି ଜିଲା ରାୟଗଡ଼ ବ୍ଲକ୍ ଅଞ୍ଚଳରେ ଅନେକ କଚ୍ଚା ଘର କ୍ଷତିଗ୍ରସ୍ତ ହୋଇଛି। ଗତ ଶନିବାର ଜିରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଗାଲଗଣ୍ଡା ଗ୍ରାମରେ ପାହାଡ଼ରୁ ମାଟି ଅତଡ଼ା ଖସି ୨ ଘର ଭାଙ୍ଗି ମାଟିରେ ମିଶିଥିବାବେଳେ ସୋମବାର ସକାଳେ ରାୟଗଡ଼ ବ୍ଲକ୍ ସଦରସ୍ଥିତ ଗୌଡ଼ ସାହିର ତ୍ରିନାଥ ପ୍ରଧାନଙ୍କ ଘର କାନ୍ଥ ଭାଙ୍ଗିଯାଇଛି। ଲଗାଣ ବର୍ଷାରେ ମାଟି ଘର ଭିଜିଯାଇଥିବାବେଳେ ପଲିଥିନ୍ ଘୋଡ଼ାଇ ରଖିଥିଲେ। ରବିବାର ରାତିରେ ତ୍ରିନାଥ ଏବଂ ତାଙ୍କ ସ୍ତ୍ରୀ ଘରେ ଶୋଇଥିବା ସମୟରେ କାନ୍ଥ ଭୁଷୁଡ଼ିପଡ଼ିଥିଲା। ହେଲେ ଉଭୟେ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ତ୍ରିନାଥଙ୍କ ଘର ରାୟଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ରହିଥିବାବେଳେ ପକ୍କା ଘରଟିଏ ପାଇଁ ସେ ସରପଞ୍ଚ, ବିଡ଼ିଓ ଏବଂ ଜିଲପାଳଙ୍କ କାର୍ଯ୍ୟାଳୟକୁ ଅନେକଥର ଦୌଡ଼ି ନୟାନ୍ତ ହୋଇଥିଲେ ମଧ ତାଙ୍କୁ ପକ୍କାଘରଟିଏ ମିଳିପାରିନାହିଁ। ତ୍ରିନାଥଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇଥିବାବେଳେ ପେଟ ପୋଷିବା ପାଇଁ ବଡ଼ ଦୁଇ ପୁଅ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ସାନ ପୁଅକୁ ବହୁ କଷ୍ଟରେ କଲେଜରେ ପାଠ ପଢ଼ାଉଥିବା ସେ କହିବା ସହ ପ୍ରଶାସନ ପକ୍କାଘରଟିଏ ଯୋଗାଇଦେଲେ ସବୁଦିନର ସମସ୍ୟା ଦୂର ହୋଇପାରିବ ବୋଲି କହିଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତାଙ୍କୁ ବିଜୁ ପକ୍କାଘର ଯୋଜନାରେ ସାମିଲ୍ କରିବାପାଇଁ ଅଞ୍ଚଳବାସୀ ମଧ ଦାବି କରିଛନ୍ତି।



ଲଗାଣ ବର୍ଷାରେ ଭାଙ୍ଗିଥିବା ଘର।

■ ଦୁର୍ନୀତି ନିବାରଣ ସପ୍ତାହ

## ଦୁର୍ନୀତିମୁକ୍ତ ସମାଜ ପାଇଁ ଶପଥ

ପାରଳାଖେମୁଣ୍ଡି,୨୮।୧୦ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ସ୍ଥିତ ଜିଲା କୋର୍ଟ ପରିସରରେ ସୋମବାର ଦୁର୍ନୀତୀ ନିବାରଣ ସପ୍ତାହ ପାଳିତ ହୋଇଛି। ଏହି ଉପଲକ୍ଷେ ଅକ୍ଟୋବର ୨୮ରୁ ନଭେମ୍ବର ୨ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଜିଲା ଜଜ୍ ବିଶ୍ୱଜିତ ଦାସ ଯୋଗଦେଇ ସମାଜରୁ ଦୁର୍ନୀତୀକୁ ସମ୍ପୂର୍ଣ୍ଣ ଭାବେ ହଟାଇବାପାଇଁ ସମସ୍ତେ ପ୍ରତିଜ୍ଞା କରିବା ଆବଶ୍ୟକ ବୋଲି କହିଥିଲେ। ଏଥିପାଇଁ ପ୍ରଥମେ ନିଜେ ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ସମସ୍ତେ ଦୁର୍ନୀତୀ ମୁକ୍ତ ସମାଜ ଗଠନ ଦିଗରେ ଉଦ୍ୟମ କରିବା ପାଇଁ ଶପଥପାଠ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦିକା ଦୀପା ଦାସ, ରେଜିଷ୍ଟ୍ରାର୍ ଶୁଭଶ୍ରୀ ପ୍ରଧାନ, ସିଭିଲ୍ ଜଜ୍ ବ୍ୟୋମକେଶ ନାୟକ, ଏସ୍‌ଡିଜେଏମ୍ ଚନ୍ଦ୍ରାସ ବେହେରା ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା କୋର୍ଟର କର୍ମଚାରୀ ଓ ପ୍ରାଧିକରଣର କର୍ମଚାରୀମାନେ ପରିଚାଳନା କରିଥିଲେ।



ଜିଲା ଜଜ୍, ସିଭିଲ୍ ଜଜ୍, ଓ ଅନ୍ୟମାନେ ଦୁର୍ନୀତୀ ମୁକ୍ତ ସମାଜ ପାଇଁ ଶପଥ ପାଠ କରୁଛନ୍ତି।

## ବେଙ୍ଗପାହାଡରେ ଶିବଙ୍କୁ ପୂଜାର୍ଚ୍ଚନା

ପାରଳାଖେମୁଣ୍ଡି,୨୮।୧୦ (ସ୍ୱ.ପ୍ର.)

ଆନ୍ଧ୍ର–ଓଡ଼ିଶା ସୀମାନ୍ତ ବେଙ୍ଗ ପାହାଡ଼ ନିକଟସ୍ଥ ଏକ ବେସରକାରୀ ଜମିରେ ପାରଳାଖେମୁଣ୍ଡି ସହରର ରାମାନନ୍ଦ ଦାସଜୀଙ୍କ ପ୍ରଚେଷ୍ଟାରେ ଏବଂ ଅମିତ ପଟ୍ଟନାୟକଙ୍କ ସହଯୋଗରେ ଏକ ପୀଠ ସ୍ଥାପନ କରାଯାଇ ଭଗବାନ ଶିବଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। କାର୍ତ୍ତିକ ମାସ ସୋମବାରରେ ଏହାର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ଏଠାରେ ଏକ ମନ୍ଦିର ନିର୍ମାଣ ପାଇଁ ପ୍ରଚେଷ୍ଟା ଜାରି ରହିଥିବା ସୂଚନା ମିଳିଛି। ପୂଜାରେ ଓଡ଼ିଶା ଏବଂ ଆନ୍ଧ୍ରର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଶେଷରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ବେଙ୍ଗପାହାଡରେ ଶିବଙ୍କୁ ପୂଜାର୍ଚ୍ଚନା କରାଯାଉଛି।

### ବାସଭବନରେ ଅଗ୍ନିକାଣ୍ଡ

## ଅଳ୍ପକେ ବର୍ତ୍ତିଲେ ଗଜପତି ଏସ୍‌ପି

ପାରଳାଖେମୁଣ୍ଡି,୨୮।୧୦ (ସ୍ୱ.ପ୍ର.)

ଗଜପତି ଏସ୍‌ପି ସାରା ଶର୍ମାଙ୍କ ପାରଳାଖେମୁଣ୍ଡିସ୍ଥିତ ବାସଭବନରେ ସୋମବାର ବିଦ୍ୟୁତ ସଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି। ହେଲେ ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଘରେ ସଟସର୍କିଟ କାରଣରୁ ପ୍ରଥମେ ତାଙ୍କ ଶୌଚାଳୟରେ ନିଆଁ ଲାଗିଥିବାବେଳେ ତାହା ଅନ୍ୟ ରୁମ୍‌କୁ ବ୍ୟାପିଥିଲା। ତୁରନ୍ତ ନିଆଁକୁ ଆୟତ୍ତ କରାଯାଇଥିବାବେଳେ ଏଥିରେ ଏସପି ଶର୍ମାଙ୍କ କୌଣସି କ୍ଷତି ଘଟି ନ ଥିବା ଜଣାପଡ଼ିଛି। ତେବେ ଘରର ଆସବାସ ପତ୍ର ନଷ୍ଟ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଘଟଣା ସମଗ୍ର ସହରରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଏସ୍‌ପି ସୁରକ୍ଷିତ ଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିଛି।

### ବାଣଗଦାରେ ନିଆଁ ଲାଗି ଶିଶୁ ଆହତ

ପାରଳାଖେମୁଣ୍ଡି,୨୮।୧୦ (ସ୍ୱ.ପ୍ର.) –

ସ୍ଥାନୀୟ ମେଦିରି ସାହିରେ ରବିବାର ବାଣଗଦାରେ ନିଆଁଲାଗି ୮ବର୍ଷର ଶିଶୁ ଆର. ଉଦୟ ଆହତ ହୋଇଛନ୍ତି। ଆହତ ଉଦୟଙ୍କୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଆଦିବାସୀ ପିଲାଙ୍କ ମୁହଁରେ ହସ ଫୁଟାଇଲା ପୋଲିସ

ରାୟଗଡା ଅଫିସ, ୨୮।୧୦

ସାଧାରଣତଃ ପୋଲିସ କଥା ଶୁଣିଲେ ମନଭିତରେ ଭୟ ସୃଷ୍ଟି ହୋଇଥାଏ। ଏଭଳିସ୍ଥିତିରେ ଲୋକଙ୍କ ବିଶ୍ୱାସ ଜିତିବାକୁ ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିରର ଆୟୋଜନ କରାଯାଉଛି। ସେହିପରି ରାୟଗଡା ପୋଲିସ ଜିଲାର ଆଦିବାସୀ ପିଲାଙ୍କ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରିଛି। ରବିବାର ପୋଲିସ ବିଭିନ୍ନ ଆବାସିକ ବିଦ୍ୟାଳୟ ଓ ଆଶ୍ରମର କୁନି କୁନି ପିଲାଙ୍କ ସହ ଦିପାବଳୀ ପାଳନ କରିଛି। ରାୟଗଡା ଥାନା ଏସଡିପିଓ ତପନ ନାରାୟଣ ରଥ, ଆଇଆଇସି ନିହାର ରଞ୍ଜନ ପ୍ରଧାନ, ଥାନା ଅଧିକାରୀ ପିଲା ଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବା ସହ ସେମାନଙ୍କ ସହ ବାଣ ଫୁଟାଇ ଦୀପାବଳୀ ପାଳିଥିଲେ। ରାୟଗଡା ପୋଲିସର ଏପରି କାର୍ଯ୍ୟକୁ ଜିଲାବାସୀଙ୍କୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଛି।



ପୋଲିସ ଅଧିକାରୀ ଆଦିବାସୀ ପିଲାଙ୍କୁ ମିଠା ବଣ୍ଟନ କରୁଛନ୍ତି।

■ ବିଶ୍ୱ ପରିବେଶ ଦିବସ ପାଇଁ ପ୍ରସ୍ତୁତି

## ସଚେତନ କରିବେ ଗ୍ରୀନ୍ ଆକ୍ଟିଭିଷ୍ଟ ଲିସିପ୍ରିୟା

ପାରଳାଖେମୁଣ୍ଡି,୨୮।୧୦(ସ୍ୱ.ପ୍ର.) –

ପାରଳା ସ୍ୱାଭିମାନ ମଞ୍ଚ ପକ୍ଷରୁ ସ୍ଥାନୀୟ ରାମନଗରସ୍ଥିତ ହାଇଟେକ ପ୍ଲାଜା ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମଞ୍ଚର ଆବାହକ ଡ. ତିରୁପତି ପାଣିଗ୍ରାହୀ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି। ଜନସାଧାରଣ ପରିବେଶ ଓ ଜଳ ସୁରକ୍ଷା ସମ୍ପର୍କରେ ଯେପରି ଅଧିକ ସଚେତନ ହେବେ ସେ ବାର୍ତ୍ତା ପହଞ୍ଚାଇବାକୁ ଉଦ୍ୟମ କରାଯିବ ବୋଲି କହିଥିଲେ। ମୁଖ୍ୟତଃ ଲଗାଣ ବର୍ଷା ଦ୍ୱାରା ଗୁମ୍ମା ବ୍ଲକ୍ କୁଲଙ୍ଗ ଗ୍ରାମରେ ପାହାଡ଼ ଧସି ୨୦ରୁ ଉର୍ଦ୍ଧ୍ୱ ଘର ମାଟିରେ ମିଶିଯିବା ଘଟଣା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ପାରଳାଖେମୁଣ୍ଡି ସହର ନିକଟସ୍ଥ ପାହାଡ଼ରେ ସବୁଜିମା ସୃଷ୍ଟି କରାଯାଇପାରିଲେ ସହରରେ ତାପମାତ୍ରା କମିବ ବୋଲି କହିଥିଲେ। ଏହାସହ ପରିବେଶ ଦିବସ ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରିବ। ଏସ୍‌କେସିଜି କଲେଜ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହେବ। ସଭାରେ ସମଗ୍ର ଭାରତରୁ ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଏଥିରେ ଅଂଶଗ୍ରହଣ କରିବେ। ଜାତୀୟସ୍ତରୀୟ ପରିବେଶବିତ୍‌ମାନେ ଏଥିରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେହିପରି ମଣିପୁରର ୯ବର୍ଷୀୟା ଗ୍ରୀନ୍ ଆକ୍ଟିଭିଷ୍ଟ ଲିସିପ୍ରିୟା ମଧ ମଙ୍ଗଳବାର କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶ ସୁରକ୍ଷାର ବାର୍ତ୍ତା ଦେବେ ବୋଲି ଡ. ପାଣିଗ୍ରାହୀ ସୂଚନା ଦେବାସହ ଆଗାମୀ ଦିନରେ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି। ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ
2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101
7310644390
Vishal Mansion, Mahatma Gandhi Road, UP

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

SEE COLOR DISPLAY CLASSIFIED
ON EVERY TUESDAY & FRIDAY

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସୁରଭିରେ ଭାଗନେଲେ ୨୪୦ ଛାତ୍ରୀଛାତ୍ର

ଚନ୍ଦ୍ରପୁର,୨୮।୧୦(ଡ଼ି.ଏନ.ଏ)- ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ସଦର ମହକୁମାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚନ୍ଦ୍ରପୁର ବ୍ଲକର ୮ଟି କ୍ଲଷ୍ଟରରୁ ୨୪୦ ଛାତ୍ରୀଛାତ୍ର ଭାଗ ନେଇଥିଲେ । କାର୍ଯ୍ୟକ୍ରମକୁ ଚନ୍ଦ୍ରପୁର ସିଆର୍‌ପିଏଫ୍ ଅଷ୍ଟମ ବାଟାଲିୟନର ଇନ୍ସପେକ୍ଟର ଅମରେଶ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ପ୍ରଥମେ କାର୍ଯ୍ୟକ୍ରମର ଆବାହକ ଚନ୍ଦ୍ରପୁର ବ୍ଲକ ଶିକ୍ଷାଧିକାରୀ ଜୀବନ କିଶୋର କରୁଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ର ସୁରଭି କାର୍ଯ୍ୟକ୍ରମରେ ଭାଗ ନେଇ ଲୁକ୍କାୟିତ ପ୍ରତିଭା ଦେଖାଇ କିପରି ବିକାଶ ହେବ ସେ ନେଇ କହିଥିଲେ । ଅନ୍ୟତମ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଚନ୍ଦ୍ରପୁର ଥାନା ଆଇଆଇସି ଅରୁଣ ନାୟକ, ଜଗଦୀଶ ନାୟକ, ପ୍ରଦୀପ ସେଠୀ, ମମତା ସିଂ, ବାସୁଦେବ ସାହୁକାରଙ୍କ ସମେତ ବ୍ଲକର ୮ ଜଣ ସିଆରସିସି ଉପସ୍ଥିତ ଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ସୁଶୀଲ କୁମାର ସେନାପତି ସଂଯୋଜନା କରିଥିଲେ ।

### ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀଙ୍କ ଡୁକୁମ୍ ହାଇସ୍କୁଲ ଗସ୍ତ



ବିଷମକଟକ, ୨୮।୧୦:ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଓ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ରବିବାର ରାୟଗଡା ଜିଲା ବିଷମକଟକ ବ୍ଲକରେ କଲ୍ୟାଣ ବିଭାଗ ଦ୍ୱାର ପରିଚାଳିତ ଡୁକୁମ୍ ହାଇସ୍କୁଲ ଅଚାନକ ଗସ୍ତ କରି ବିଭିନ୍ନ ବିଷୟରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ସ୍କୁଲରେ ଶିକ୍ଷକ ଅଭାବ ହେତୁ ସେମାନଙ୍କ ପାଠପଢ଼ାରେ ବ୍ୟାପକ ଅସୁବିଧା ହେଉଥିବା ଛାତ୍ରୀଛାତ୍ରମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍କୁଲରେ ଆବଶ୍ୟକ ମୁତାବକ ଶିକ୍ଷକ ନିଯୁକ୍ତି ଦେବା ପାଇଁ ସେମାନେ ନିବେଦନ କରିଥିଲେ। ସ୍କୁଲରେ ରହୁଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ କ୍ୱାଟର୍ସରେ ବର୍ଷାଦିନେ ପାଣି ଗଳୁଛି। ସେ ସବୁର ମରାମତି ଆବଶ୍ୟକ ବୋଲି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରବିବାର ଏବଂ ଦୀପାବଳି ହେତୁ ମନ୍ତ୍ରୀଙ୍କ ଅଚାନକ ଗସ୍ତ ସମ୍ପର୍କରେ କୌଣସି ଅଧିକାରୀ ଜାଣି ପାରି ନ ଥିଲେ। ପାଠପଢ଼ା ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଅନ୍ତେବାସୀଙ୍କୁ ପରାମର୍ଶ ଦେଇଥିଲେ। ସ୍କୁଲରେ ଖାଲି ପଡିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।





ରାୟଗଡ଼ା ଓ ଗୁଣପୁରରେ ପୂଜା ପାଉଥିବା ମା' କାଳୀ ।

# କାଳୀପୂଜା ନେଇ ଝଲସୁଛି ପୂଜାମଣ୍ଡପ

ରାୟଗଡା ଅଫିସ/ଗୁଣପୁର ୨୮।୧୦ (ଡି.ଏନ୍.ଏ.)

କାଳୀପୂଜା ନେଇ ରାୟଗଡ଼ା ଜିଲା ଚଳଚଞ୍ଚଳ ହୋଇଉଠିଛି । ବିଭିନ୍ନ ପୂଜା ମଣ୍ଡପଗୁଡ଼ିକରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକମାଳାରେ ଝଲସୁଛି। ମା'ଙ୍କ ଦର୍ଶନ ନିମନ୍ତେ ପ୍ରବଳ ଭିଡ଼ ଜମୁଛି। ରାୟଗଡ଼ା ସ୍ଥାନୀୟ ନିୟୁ କଲୋନୀସ୍ଥିତ ପୂଜାମଣ୍ଡପରେ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଛି । ରବିବାର ଅଂକୁରା ରୋପଣ, ମଣ୍ଡପ ଶୁଦ୍ଧି, ଆବାହନ ଓ ବିଲ୍ୱବରଣ, କଳସ ଆବାହନ, ଅଧିବାସ, ସୂର୍ଯ୍ୟ ପୂଜା, ଦ୍ୱାର ପାଳ ପ୍ରାଣ ପ୍ରତିଷ୍ଠା, ନିଶିପୂଜା, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ପାଠ, କୁଙ୍କୁମ ପୂଜା, ପୁଷ୍ପାଞ୍ଜଳି କରାଯାଇ ମା ଦକ୍ଷିଣ କାଳୀ ପୂଜା କରାଯାଇଛି । ସୋମବାର ଦଶ ମହାବିଦ୍ୟା ଉତ୍ସବ ଏବଂ ମା'ଙ୍କର ଗୁରୁତାରା ପୂଜା କରାଯାଇଛି । ଏହାକୁ ଦେଖିବାକୁ ସହର ଏବଂ ସହର ବାହାରୁ ଅନେକ ଭକ୍ତଙ୍କ ଭିଡ ଜମୁଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ମୁତୟନ କରାଯାଇଛି । ମା'ଙ୍କ ସନ୍ଧ୍ୟା ଆଳତୀ ସମୟରେ ଅଧିକ ଭକ୍ତଙ୍କ ସମାଗମ ହୋଇଛି । ଟ୍ରାଫିକ ସମସ୍ୟା ସମାଧାନ ନେଇ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ହୋମ ଯଜ୍ଞ, ଘଣ୍ଟ, କୀର୍ତ୍ତନରେ ମନ୍ଦିର ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଛି । ସେହିପରି ଗୁଣପୁର ସହରରେ ମା' ଦକ୍ଷିଣକାଳୀଙ୍କ ପୂଜା ରବିବାରଠାରୁ ଧୁମ୍‌ଧାମ୍‌ର ସହ ଆରମ୍ଭ ହୋଇଛି । ମଧ୍ୟରାତ୍ରରେ ଦକ୍ଷିଣକାଳୀଙ୍କ ମନ୍ଦିରରୁ ମା'ଙ୍କୁ ଆମନ୍ତ୍ରଣ କରି ପୂଜା ମଣ୍ଡପକୁ ଅଣାଯାଇଥିଲା । ଏହାପରେ ଯଥାବିଧି ମା'ଙ୍କ ମୃଣ୍ମୟୀ ପ୍ରତିମାଙ୍କୁ ପୂଜା କରାଯାଇଥିଲା । ସୁନ୍ଦର ଆଲୋକମାଳା ସହ ଆକର୍ଷଣୀୟ ତୋରଣରେ ପୂଜା ମଣ୍ଡପ ଝଲସି ଉଠୁଛି। ଏଥିରେ କର୍ତ୍ତା ପ୍ରଭାତ ମହାପାତ୍ର ଏବଂ ନବୀନ ରଥ, ପ୍ରକାଶ ରଥ, ଜଗନ୍ନାଥ ରଥ ପୂଜକ ଭାବେ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । ପୂଜା କମିଟି ସଭାପତି ବି.ଲକ୍ଷ୍ମୀ ନାରାୟଣ, ମନୋରଞ୍ଜନ ରଥଙ୍କ ସମେତ ସଦସ୍ୟ ଏବଂ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ୫୬ ଅଭିଯୋଗ ଶୁଣିଲେ ଜିଲାପାଳ

ଗୁଣପୁର,୨୮।୧୦(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗଦେଇ ୫୬ଟି ଅଭିଯୋଗ ଶୁଣିଥିଲେ । ସେଥିମଧ୍ୟରୁ ବ୍ୟକ୍ତିଗତ ୪୪ ଏବଂ ସାମୂହିକ ୯ଟି ଅଭିଯୋଗ ଥିଲା । ଏହି ଅବସରରେ ଜଣଙ୍କୁ ୨୦୦୦ ଟଙ୍କା ରେଡକ୍ରସ ସହାୟତା ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୮ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଡିଆରଡିଏର ପିଡି ଅମ୍ରିତ ଋତୁରାଜ, ଭାରପ୍ରାପ୍ତ ଉପଜିଲାପାଳ ଗୋରାଚାନ୍ଦ ଗମାଙ୍ଗ, ଅତିରିକ୍ତଏସପି ଅଶୋକ କୁମାର ସାହୁ, ଡିଏଫଓ ଦେବାରଚାନ୍ଦ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଦୁର୍ନୀତି ନିବାରଣ ସପ୍ତାହ ପକ୍ଷ ପାଳନ ନିମନ୍ତେ ଶପଥ ପାଠ ହୋଇଥିଲା ।

## ପିଲାଙ୍କ ସହ ଦୀପାବଳି ପାଳିଲେ ଜିଲାପାଳ



ଜିଲାପାଳ ପିଲାମାନଙ୍କ ସହ ବାଣ ଫୁଟାଉଛନ୍ତି।

ରାୟଗଡ଼ା ଅଫିସ ,୨୮।୧୦

ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା କୁନି କୁନି ପିଲାଙ୍କ ସହ ଦୀପାବଳି ପାଳନ କରିଛନ୍ତି । ଜିଲାପାଳ କୋରାପୁଟ ଛକଠାରେ ଥିବା ଅନ୍ୱେଷା ଗୃହକୁ ଯାଇଥିଲେ । ସେଠାରେ କୁନି କୁନି ପିଲାଙ୍କ ସହ ବାଣ ଫୁଟାଇ ଦୀପାବଳି ପାଳନ କରିଥିଲେ । ପରେ ପିଲାମାନଙ୍କୁ ମିଠା, ଚକୋଲେଟ୍ ପ୍ରଦାନ କରିଥିଲେ । ସେହିପରି ଜିଲାପାଳ ହାଉସିଂ ବୋର୍ଡ଼ଠାରେ ଥିବା ବୃଦ୍ଧାଶ୍ରମ ଓ ସାଇ ପ୍ରିୟା ନଗର ସ୍ୱଧାର ଗୃହକୁ ଯାଇ ଦିପାବଳୀ ପାଳନ କରିଥିଲେ। ସନ୍ଧ୍ୟାରେ ସେବା ସମାଜର ଅନ୍ତେବାସୀଙ୍କୁ ମିଠା ଦେଇ ଦୀପାବଳି ପାଳିଥିଲେ । ଜିଲାପାଳଙ୍କ ସହ ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ ।

## ସଡ଼କ ସୁରକ୍ଷା ବାର୍ତ୍ତା ଦେଲେ ଯୁବ ବାହିନୀ, ଛାତ୍ରୀଛାତ୍ର



ଶୋଭାଯାତ୍ରା ସହର ପରିକ୍ରମା କରୁଛି ।

ପଦ୍ମପୁର, ୨୮।୧୦(ଡି.ଏନ୍.ଏ.)

ପଦ୍ମପୁର ବ୍ଲକ ବିଜୁ ଯୁବ ବାହିନୀ ଓ ଗୁଡିଆବନ୍ଧ ପଞ୍ଚାୟତ ବସନ୍ତ ଦେବୀ ବିଦ୍ୟାପୀଠ ଆନୁକୂଲ୍ୟରେ ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍କୁଲ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା କରାଯାଇଛି। ବିଜୁ ଯୁବ ବାହିନୀ ଜିଲା ସଂଯୋଜକ ରବି କୁମାର ଚୌଧୁରୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଜୁ ଯୁବବାହିନୀ ସଦସ୍ୟ ଓ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ସଡକ ସୁରକ୍ଷା ବାର୍ତ୍ତା ଦେଇଥିଲେ। ହେଲ୍‌ମେଟ୍ ପିନ୍ଧି ଗାଡି ଚଳାଇବା, ମଦ୍ୟପାନ କରି ଗାଡି ନ ଚଳାଇବା, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବାକୁ ସେମାନେ ଲୋକମାନଙ୍କୁ ସଚେତନ କରିଥିଲେ। ଯେଉଁ ବାଇକ୍ ଚାଳକମାନେ ହେଲ୍‌ମେଟ୍ ପିନ୍ଧିଥିଲେ ସେମାନଙ୍କୁ ଫୁଲ ଓ ଚକୋଲେଟ୍ ଦିଆଯାଇଥିଲା। ଏଥିରେ ବିଜୁ ଯୁବ ବାହିନୀ କର୍ମକର୍ତ୍ତା ଓ ସ୍କୁଲ କର୍ମଚାରୀ ସାମିଲ ହୋଇଥିଲେ।

## ଉତ୍କଳ ଆଲୁମିନାରେ ନୂତନ ପିଆର୍‌ଓ

ଟିକିରି,୨୮।୧୦(ଡ଼ି.ଏନ.ଏ)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୋରାଗୁଡ଼ିସ୍ଥିତ ଉତ୍କଳ ଆଲୁମିନା କମ୍ପାନୀରେ ଚୌଧୁରୀ ପ୍ରଣବ ଦାସ ନୂତନ ଲୋକ ସମ୍ପର୍କ ଅଧିକାରୀ(ପିଆର୍‌ଓ) ଭାବେ ଯୋଗ ଦେଇଛନ୍ତି । ସେ ପୂର୍ବରୁ ଥେରୁବାଲିସ୍ଥିତ ଇମ୍ଫାରେ କାର୍ଯ୍ୟରତ ଥିଲେ । ପରେ ଦିଲ୍ଲୀସ୍ଥିତ ବିର୍ଲା ଗ୍ରୁପ୍ କମ୍ପାନୀରେ କାର୍ଯ୍ୟ ତୁଲାଉଥିଲେ । ସ୍ଥାନୀୟ ଅଞ୍ଚଳର ବିକାଶ ଓ କମ୍ପାନୀର ସିଏସ୍‌ଆର୍ ଦାୟିତ୍ୱ ତୁଲାଇବା କ୍ଷେତ୍ରରେ ସମସ୍ତ ସହଯୋଗ କାମନା କରିଥିଲେ ।



■ ଶିଶୁ ଯତ୍ନ ଅନୁଷ୍ଠାନରେ ଭାରପ୍ରାପ୍ତ ଉପଜିଲାପାଳ

## ଦୀପାବଳି ପାଳିଲେ, ସମସ୍ୟା ବୁଝିଲେ

ଗୁଣପୁର,୨୮।୧୦(ଡି.ଏନ.ଏ)



ପିଲାଙ୍କ ଗହଣରେ ଭାରପ୍ରାପ୍ତ ଉପଜିଲାପାଳ ତଥା ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ ।

ରାୟଗଡା ଜିଲା ଗୁଣପୁର ନିକଟ ଲିମାମେଡାଠାରେ ଥିବା ବାଳ ନିକେତନ ଶିଶୁ ଯତ୍ନ ଅନୁଷ୍ଠାନରେ ଦୀପାବଳି ଧୂମଧାମର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଭାରପ୍ରାପ୍ତ ଉପଜିଲାପାଳ ତଥା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ ଯୋଗଦେଇ ଅନ୍ତେବାସୀ ପିଲାଙ୍କ ଗହଣରେ ଦୀପାବଳି ପାଳନ କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଏଥିସହ ଅନୁଷ୍ଠାରେ ରହିଥିବା ସମସ୍ୟା ନେଇ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ଅନୁଷ୍ଠାନର ପାଚେରି ନିର୍ମାଣ ସମ୍ପୂର୍ଣ୍ଣ କରିବା, ବିଭିନ୍ନ ସମୟରେ ଉଦ୍ଧାର ହେଉଥିବା ଶିଶୁମାନଙ୍କୁ ଏଠାରେ ଅସ୍ଥାୟୀ ଭାବେ ରଖାଯାଉଥିବାରୁ ସେମାନଙ୍କ ପାଇଁ ଗୋଟିଏ ସ୍ୱଳ୍ପ ରହଣି ଗୃହ ବ୍ୟବସ୍ଥା କରିବାକୁ ଅନୁଷ୍ଠାନ କର୍ତ୍ତୃପକ୍ଷ ପ୍ରକଳ୍ପ ପ୍ରଶାସକଙ୍କ ନିକଟରେ ଅନୁରୋଧ କରିଥିଲେ । ଅନୁଷ୍ଠାନ ପ୍ରତିଷ୍ଠାତା ବାଞ୍ଛାନିଧି ମହାନ୍ତି, ପରିଚାଳକ ଅକ୍ଷୟ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

■ ବାଣ ଫୁଟି ଜଣେ ଆହତ

## କଟାଗଲା ଆଙ୍ଗୁଠି

ରାୟଗଡା ଅଫିସ , ୨୮।୧୦

ରାୟଗଡା ବ୍ଲକ ଚାନ୍ଦିଲି ଥାନା ଅନ୍ତର୍ଗତ କୁମୁଟିଲିପେଟା ମେଦିରିସାହିରେ ରବିବାର ବାଣ ଫୁଟି ଜଣେ ବ୍ୟକ୍ତି ଆହତ ହୋଇଛନ୍ତି । ସେ ହେଲେ ତ୍ରିନାଥ ପାଲାକା(୪୫) । ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ବାଣ ଫୁଟାଉଥିବା ବେଳେ ଅସାବଧାନତା ଯୋଗୁ ତାଙ୍କର ଆଙ୍ଗୁଠିଗୁଡ଼ିକ କ୍ଷତ ହୋଇଥିଲା। ଡ଼ାକ୍ତରଖାନାରେ ତାଙ୍କର ଗୋଟିଏ ଆଙ୍ଗୁଠି କଟାଯାଇଥିବା ଜଣାଯାଇଛି।

■ ପ୍ରଶାସନର ଅଣଦେଖା ଅଭିଯୋଗ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସରପଞ୍ଚ

ଟିକିରି,୨୮।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତର ବିକାଶ ଦିଗରେ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ହୋଇଛି । ଏହି ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ସରପଞ୍ଚ ସୁଭଦ୍ରା ମାଣ୍ଡାଙ୍ଗି ଓ ଅନ୍ୟ ଜନ ପ୍ରତିନିଧିମାନେ। ଏ ନେଇ ସରପଞ୍ଚ ମାଣ୍ଡାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ଲାଗି ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି । କିନ୍ତୁ ଏହି ପଞ୍ଚାୟତରେ ସରକାରୀ ଯୋଜନା ସବୁ ବାଟବଣା ହେଉଛି। ବାଙ୍କାମ୍ବ ପଞ୍ଚାୟତରେ ଥିବା କୋଡିଙ୍ଗାମାଳିରୁ ବକ୍ସାଇଟ୍ ପରିବହନ କରାଯାଉଛି। ଏଥିଯୋଗୁ ସରକାରଙ୍କ ରାଜସ୍ୱ ବୃଦ୍ଧି ପାଉଛି। ହେଲେ ଠିକା କମ୍ପାନୀ, ନେତା ମାଲାମାଲ ହେଉଥିବା ବେଳେ ଖଣି ପ୍ରଭାବିତ ଅଞ୍ଚଳ ଲୋକେ ଧୂଳି ଓ ଧୂଆଁରେ ଅସ୍ତବ୍ୟସ୍ତ ହେଉଥିବ ଲୋକ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି । ପଞ୍ଚାୟତ ସଦରଠାରୁ ପ୍ରାୟ ୧୦ କିଲୋମିଟର ଦୂର ସିନ୍ଧେଇପଦର ଓ ମୁଣ୍ଡବିନ୍ଧା ଗ୍ରାମକୁ ଜିଏମ୍‌ଜିଏସ୍‌ୱାଇରେ ସାମିଲ କରି ପକ୍କା ରାସ୍ତା ନିର୍ମାଣ କରିବା ନିମନ୍ତେ ଅଞ୍ଚଳବାସୀ ବହୁବାର ଦାବି କରି ଆସୁଛନ୍ତି । ହେଲେ ଏଥିପ୍ରତି କେହି ଗୁରୁତ୍ୱ ଦେଉ ନାହାନ୍ତି । ଏଠାରେ ହାଇସ୍କୁଲ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ବସ୍ ସେବାର ଆବଶ୍ୟକତା ରହିଛି । ଉପରକୋଡିଙ୍ଗାଠାରେ ଥିବା କଲ୍ୟାଣ ବିଭାଗ ଆଶ୍ରମ ବିଦ୍ୟାଳୟ ହାଇସ୍କୁଲରେ ପରିଣତ କରିବା, କୋଡିଙ୍ଗାଠାରୁ କାଶୀପୁର ଓ ରାୟଗଡ଼ା ଯିବା ପାଇଁ ବସ୍ ଚଳାଚଳ ସୁବିଧା କରିବାକୁ ଦାବି କରିଛନ୍ତି । ସେହିପରି ବାଙ୍କାମ୍ବ ପଞ୍ଚାୟତ ସଦରରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ନେଇ ଦାବି କରିଛନ୍ତି ।






ଓଡିଶା ସରକାର

ପ୍ରତି ବୁନ୍ଦା ଜଳରେ ଅଧିକ ଫସଲ

ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନାରେ

ବୁନ୍ଦା ଓ ସିଞ୍ଚନ ଜଳସେଚନ ପ୍ରଣାଳୀ ସ୍ଥାପନ କରି

➢ କମ ଜଳରେ ଅଧିକ ଫସଲ ଚାଷ କରନ୍ତୁ
➢ ଜଳ ବଞ୍ଚାନ୍ତୁ
➢ ଅଧିକ ଅମଳ କରି ଲାଭବାନ ହୁଅନ୍ତୁ ।

ଏହି ପ୍ରଣାଳୀ ସ୍ଥାପନ ପାଇଁ ମିଳୁଥିବା ରିହାତି :





| ଚାଷୀ | ରିହାତି |
|---|---|
| କ୍ଷୁଦ୍ର ଓ ନାମମାତ୍ର ଚାଷୀ | ୯୦% ଭାଗ |
| ଅନ୍ୟ ଚାଷୀ | ୮୦% ଭାଗ |

ପଞ୍ଜିକରଣ ପାଇଁ pmksy.nic.in portal ରେ ଆବେଦନ କରନ୍ତୁ ।

ଉଦ୍ୟାନକୃଷି ନିର୍ଦ୍ଦେଶାଳୟ, ଭୁବନେଶ୍ୱର

Email: supportdho.od@nic.in Website: odihort.nic.in

DSPL-130

01038/13/0006/1920